ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.200 Bhubaneswar Saturday September 16 2023 | ୨୬ତମ ବର୍ଷ ସଂଖ୍ୟା–୨୦୦ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୬, ୨୦୨୩ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


## ୧୯ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ: ଆସିଲା ନୂଆ ଧାନ ସଂଗ୍ରହ ନୀତି, ଉଚ୍ଛେଦ ହେବ ୩୫ଟି ଟୋଲ୍ ଗେଟ୍




ଭୁବନେଶ୍ୱର,୧୫।୯(ପି.ଏନ): ରାଜ୍ୟରେ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାର ଆଜି ନୂଆ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ୨୦୨୩-୨୪ ଖରିଫ ବିପଣନ ବର୍ଷରେ ମୋଟ ୫୪ଲକ୍ଷ ମେଟ୍ରିକ ଟନ୍ ଚାଉଳ(୭୯ଲକ୍ଷ ମେଟ୍ରିକ ଟନ୍ ଧାନ) ସଂଗ୍ରହ କରାଯିବ। ଖରିଫ ବର୍ଷ-୨୦୨୨-୨୩ରେ ମୋଟ ୭୯.୧୬ଲକ୍ଷ ମେଟ୍ରିକ ଟନ୍ ଧାନ(୫୩.୫୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ କରାଯାଇଥିଲା । ସେହିପରି ରାଜ୍ୟରେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତଥା ଓଡିଶା ସେତୁ ଓ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ହେଉଥିବା ମୋଟ ୩୫ଟି ଟୋଲଗେଟକୁ ଉଚ୍ଛେଦ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏସବୁ ପ୍ରସ୍ତାବ ସହ ୧୦ଟି ବିଭାଗର ମୋଟ ୧୯ଟି ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଏଥିରେ ସର୍ବାଧିକ ୬ଟି ଜଳସମ୍ପଦ ବିଭାଗର ହୋଇଥିବାବେଳେ ପୂର୍ତ୍ତ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ,ଅର୍ଥ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୨ଟି ଲେଖାଏଁ ପ୍ରସ୍ତାବ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାଧାରଣ ପ୍ରଶାସନ, ବାଣିଜ୍ୟ ଓ ପରିବହନ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ଅନୁମୋଦନ ମିଳିଛି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ରାଜ୍ୟ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମୋଟ ୩୫ଟି ଟୋଲଗେଟକୁ ଉଚ୍ଛେଦ ନିଷ୍ପତ୍ତିକୁ ଅନୁମୋଦନ ମିଳିଛି । ଏହି ଟୋଲ ଗେଟଗୁଡିକ ଏବେ ଓଡିଶା ସେତୁ ଓ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ହେଉଛି । ସେହିପରି ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା କରିବା ପାଇଁ 'ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪'କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଚଳିତବର୍ଷ ଅକ୍ଟୋବର ପହିଲାରୁ ୨୦୨୪ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪ ବଳବତ୍ତର ରହିବ । ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ ଧାନ ଓ ୨୦୨୪ ମେ ଓ ଜୁନ୍ ମାସରେ ରବି ଋତୁ ଧାନ ସଂଗ୍ରହ କରାଯିବ। ତେବେ ପଞ୍ଜିକୃତ ଚାଷୀମାନେ ଯଦି ଧାର୍ଯ୍ୟଲକ୍ଷ୍ୟ ୭୯ଲକ୍ଷ ମେଟ୍ରିକ ଟନଠୁ ଅଧିକ ଧାନ ମଣ୍ଡିକୁ ଆଣିବେ ତାକୁ ରାଜ୍ୟ ସରକାର କ୍ରୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । କେବଳ ପଞ୍ଜିକୃତ ଚାଷୀଙ୍କଠୁ ବଳକା ଧାନ ସଂଗ୍ରହ କରାଯିବ ଓ ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ପରିଚୟ ପତ୍ର ହେବ । ଚାଷୀଙ୍କ ବାୟୋମେଟ୍ରିକ ଚିହ୍ନଟୀକରଣ ବ୍ୟବସ୍ଥା କରାଯିବ । ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ସାଧାରଣ ଧାନ ଓ ଗ୍ରେଡ-ଏ ଧାନ ପାଇଁ ଯଥାକ୍ରମେ ୨୧୮୩ଟଙ୍କା ଓ ୨୨୦୩ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବ । ଖିଲାପୀ ମିଲରଙ୍କୁ ଚଳିତଥର ଧାନ ସଂଗ୍ରହ ପାଇଁ ଅନୁମତି ଦିଆଯିବ ନାହିଁ । ପି-ପାସ୍ ମାଧ୍ୟମରେ ଚାଷୀଙ୍କୁ ୪୮ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୁହାଯାଇଛି ।

## ଓଏଏସ୍ ଅଫିସର ସଂଗ୍ରାମ କେଶରୀ ଜେନା ଗିରଫ



ଭୁବନେଶ୍ୱର,୧୫।୯(ପି.ଏନ):ଓଏଏସ୍ ଅଫିସର ସଂଗ୍ରାମ କେଶରୀ ଜେନାଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟ ତୁଳନାରେ ୧୮୭% ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ପୂର୍ବରୁ ଗଞ୍ଜାମ ଜିଲ୍ଲା ବୁଗୁଡାରେ ତହସିଲଦାର ଥିବା ସଂଗ୍ରାମ ଜେନା ଏବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଗତକାଲି ତାଙ୍କ ଘରେ ଚଢ଼ାଉ କରିଥିଲା ଭିଜିଲାନ୍ସ।ଶ୍ରୀ ଜେନାଙ୍କର ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସ୍ଥିତ ଜେନା କଲୋନୀରେ ୭୫୫୪ ବର୍ଗଫୁଟ ଅଞ୍ଚଳରେ ଏକ ତିନି ମହଲା କୋଠା ଅଛି। ଏହାର ମୂଲ୍ୟ ପ୍ରାୟ ୧.୩୬ କୋଟି ଟଙ୍କା। ତା'ସହିତ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ହରିପୁରରେ ତାଙ୍କର ଏକ କୋଠା ଅଛି।

## ଦୁଇ ବର୍ଷ ହେଲା ଟଙ୍କା ମିଳୁନି, ୫-ଟି ସ୍କୁଲରେ ତାଲା ପକାଇଲେ ଠିକାଦାର

ଭୁବନେଶ୍ୱର,୧୫।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିବେ। ସେଥିପାଇଁ ଦିନରାତି ଏକ କରି ୫-ଟି ସ୍କୁଲ ନିର୍ମାଣ କରିଥିଲେ। ନିର୍ଦ୍ଧାରିତ ସମୟରେ ସ୍କୁଲ୍ ନିର୍ମାଣ କାମ ସାରିଥିଲେ। ଆଉ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂରେ ଲୋକାର୍ପଣ କଲେ। ଚକାଚକ ଫଟୋ ଉଠିଲା ଓ ସୋଶାଲ ମିଡିଆରେ ପୋଷ୍ଟ ହେଲା। ସ୍ମାର୍ଟ କ୍ଲାସ୍ ରୁମ୍‌ରେ ପିଲାମାନେ ପାଠ ପଢ଼ିଲେ। ହେଲେ କାମ କରାଇଥିବା ପେଟି ଠିକାଦାର ଆଜି ପର୍ଯ୍ୟନ୍ତ ପାଇଲେନି ଟଙ୍କା। ଦୁଇ ବର୍ଷ ଅପେକ୍ଷା କରିବା ପରେ ଆଜି ସ୍କୁଲ ଗେଟ୍‌ରେ ପକାଇଦେଲେ ତାଲା। ଏପରି ଖବର କନ୍ଧମାଳ ଜିଲ୍ଲାରୁ ଆସିଛି। ଫୁଲବାଣୀ ବ୍ଲକ୍ ବିଶିପଡ଼ା ଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟକୁ ସ୍ମାର୍ଟ ସ୍କୁଲ(୫-ଟି)ରେ ରୂପାନ୍ତରିତ କରାଯାଇଥିଲା। ସ୍କୁଲର ନିର୍ମାଣ କାର୍ଯ୍ୟ ବ୍ଲକ ପ୍ରଶାସନ କରୁଥିଲେ। ଏଥିପାଇଁ ବିଶିପଡାର ପେଟି ଠିକାଦାର ଭଗବାନ ସାହୁ ଓ ଗୋପବନ୍ଧୁ ସାହାଣୀଙ୍କୁ ନିୟୋଜିତ କରାଯାଇଥିଲା। ୨୦୨୧ ମସିହାରେ ସ୍କୁଲର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିଜ ଗାଁ ସ୍କୁଲ ହୋଇଥିବାରୁ ଭଲ କରିଥିଲେ।

## ୨୩ ବର୍ଷ ପରେ ମୁଖ୍ୟମନ୍ତ୍ରୀଙ୍କ ଅପପୃଷ୍ଟି କଥା ମନେପଡିଲା : ବିଜେପି

ଭୁବନେଶ୍ୱର,୧୫।୯(ପି.ଏନ): ଏବେ ଓଡ଼ିଶାର କିଛି ଜିଲ୍ଲାର ଚିତ୍ର ଆଫ୍ରିକୀୟ ଦେଶ ସୋମାଲିଆ, ଉଗାଣ୍ଡା ଭଳି ସମାନ ଦେଖାଯାଉଛି। ଛୋଟପିଲାଙ୍କର ଶାରୀରିକ ଓ ମାନସିକ ବିକାଶ ହେଉନାହିଁ। ନିର୍ବାଚନ ଆସିଲେ ବିଜେଡିର ଚେତା ପଶେ। ନିକଟ ଅତୀତରେ ବହୁଚର୍ଚ୍ଚିତ ନଗଡାର ଦୁଇଜଣ ଶିଶୁ ଅପପୃଷ୍ଟିରେ ଶିକାର ହୋଇ ମୃତ୍ୟୁବରଣ କରିସାରିଛନ୍ତି। କିନ୍ତୁ ରାଜ୍ୟ ସରକାର କୁପୋଷଣକୁ କମ୍ କରିବାରେ କୌଣସି ଆନ୍ତରିକତା ବା ଠୋସ୍ ଯୋଜନା ଦୃଶ୍ୟମାନ୍ ହେଉନାହିଁ । ୨୩ ବର୍ଷ ପରେ ମୁଖ୍ୟମନ୍ତ୍ରୀଙ୍କର ମନେପଡିଛି ଓଡିଶାର ଅପପୃଷ୍ଟିର କଥା । ୨୩ ବର୍ଷ ଶାସନରେ ନବୀନ ବାବୁଙ୍କ ମୁଣ୍ଡରେ 'ଅପପୃଷ୍ଟିର କଳଙ୍କ' ଲାଗିଛି ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି ।ଡା.ବିଶ୍ୱାଳ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତକୁ କୁପୋଷଣରୁ ସୁପୋଷଣକୁ ନେଇଯିବା ପାଇଁ ଅନେକ ଯୋଜନା କରିଛନ୍ତି। ଯେମିତି ପୋଷଣ-୨, ଆନିମିଆ (ରକ୍ତହୀନତା) ମୁକ୍ତ ଭାରତ, ନ୍ୟାସନାଲ ହେଲ୍‌ଥ ମିଶନରୁ ସବୁ ସପ୍ତାହରେ ଗର୍ଭବତୀ ମହିଳାମାନଙ୍କୁ ମାଗଣାରେ ଆଇରନ, ଫଲିକଏସିଡ୍ ଟ୍ୟାବଲେଟ ବଂଟନ କରାଯାଉଛି। କୁପୋଷଣ ଦୂର କରିବା ପାଇଁ ମୋଦିଜୀ ୬୦ପ୍ରତିଶତ ଟଙ୍କା ଓଡିଶାକୁ ଦେଉଛନ୍ତି କିନ୍ତୁ ନବୀନ ବାବୁ ତାହା କାର୍ଯ୍ୟରେ ଲଗାଇବାରେ ବିଫଳ ସାବ୍ୟସ୍ତ ହୋଇଛନ୍ତି। ଦୀର୍ଘ ୨୩ବର୍ଷ ଧରି ନିରଙ୍କୁଶ ଶାସନ କ୍ଷମତାରେ ରହିବି ବିଜେଡି ସରକାର ପୃଷ୍ଟିହୀନତା ଉପରେ ରୋକ୍ ଲଗାଇ ପାରିଲେ ନାହିଁ । ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଡା.ବିଶ୍ୱାଳ କହିଛନ୍ତି ।'ନ୍ୟାସନାଲ ଫ୍ୟାମିଲ ହେଲଥ୍ ସର୍ଭେ ରିପୋର୍ଟ-୫'ରୁ ସ୍ପଷ୍ଟ ହୋଇଛି, ଓଡ଼ିଶାରେ ୬୪.୩ପ୍ରତିଶତ ମହିଳା ରକ୍ତହୀନତାର ଶିକାର ହୋଇଛନ୍ତି। ୫୦ପ୍ରତିଶତ ଓଜନ (ଅଣ୍ଡରୱେଟ) ଓ ଉଚ୍ଚତାହ୍ରାସ (ଷ୍ଟଣ୍ଟେଟ) ଥିବା ଶିଶୁ ଯଥା, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର ଅଂଚଳରେ ଦେଖାଯାଉଛନ୍ତି। ଓଡ଼ିଶାରେ ସୁବର୍ଣ୍ଣପୁର, ମାଲକାନଗିରି, ଦେବଗଡରେ ୱେଷ୍ଟେଡ୍ ଶିଶୁ ୩୦ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଛନ୍ତି। ଯାହାକି ଅତ୍ୟନ୍ତ ଦୁର୍ଭାଗ୍ୟ ଓ ଲଜ୍ଜାଜନକ । କେବେ ଓଡିଶା ଅପପୃଷ୍ଟିରୁ ମୁକ୍ତି ପାଇବ ବୋଲି ଡା.ବିଶ୍ୱାଳ କହିଛନ୍ତି ।

## ଜିଦ୍ ରେ ଅଟଳ ଶିକ୍ଷକ, ସ୍କୁଲରେ ତାଲା

ଭୁବନେଶ୍ୱର,୧୫।୯(ପି.ଏନ): ସରକାରଙ୍କ ନାଲି ଆଖି ପରେ ମଧ୍ୟ ଜିଦ୍ ରେ ଅଟଳ ରହିଛନ୍ତି ଶିକ୍ଷକ। ୩ଦଫା ଦାବିରେ ଆଜି ବି ଧାରଣା ଦେଇଛନ୍ତି ପ୍ରାଥମିକ ଶିକ୍ଷକ। ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଜିଦରେ ଅଟଳ ଅଛନ୍ତି ପ୍ରାଥମିକ ଶିକ୍ଷକ ସଂଘ। ସେପଟେ ବିଦ୍ୟାଳୟରେ ଶିକ୍ଷକଙ୍କ ଅନୁପସ୍ଥିତି ପାଇଁ ବିଭିନ୍ନ ସ୍କୁଲରେ ତାଲା ପଡ଼ିଛି । ସୂଚନାଯୋଗ୍ୟ ଯେ ଗତକାଲି ଆନ୍ଦୋଳନରତ ପ୍ରାଥମିକ ଶିକ୍ଷକଙ୍କୁ ଆନ୍ଦୋଳନ ବନ୍ଦ କରି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ। ଏନେଇ ସବୁ ବିଇଓ ଏବଂ ଡିଇଓଙ୍କୁ ଚିଠି ଲେଖିଥିଲେ ସରକାର। ଶିକ୍ଷକମାନେ ବର୍ଷକୁ ୨୨୦ ଦିନ ସ୍କୁଲକୁ ଆସିବା ବାଧ୍ୟତାମୂଳକ । ଏଥିରେ ବ୍ୟତିକ୍ରମ ଦେଖାଦେଲେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗତକାଲି ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଦୈନିକ ଶିକ୍ଷକଙ୍କ ଉପସ୍ଥାନ ନେବାକୁ ବିଇଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ସରକାର।

## ବିଏମସି ଅଂଚଳରେ ସାର୍ବଜନୀନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ ରେଂଟ ଆଦାୟ କରାଯିବ ନାହିଁ

ଭୁବନେଶ୍ୱର,(ପି.ଏନ):ଚଳିତ ବର୍ଷ ପାର୍ବଣ ସମୟରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସାର୍ବଜନୀନ ପୂଜା ଉତ୍ସବ ପାଇଁ ଗ୍ରାଉଣ୍ଡ ରେଣ୍ଟ ଆଦାୟ ନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ପୂଜା ସମିତି ଓ ସ୍ଥାନୀୟ ବିଧାୟକମାନଙ୍କ ଅନୁରୋଧ କ୍ରମେ ଜନସାଧାରଣଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବନାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତି ନେଇଛନ୍ତି ।

## ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ୧ନଂ ଲୋକପ୍ରିୟ ନେତା



ଭୁବନେଶ୍ୱର,୧୫।୯(ପି.ଏନ):ପୂରା ବିଶ୍ୱରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ସବୁଠାରୁ ଲୋକପ୍ରିୟ ନେତା ହେବାର ରେକର୍ଡ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ଠାରୁ ଆରମ୍ଭ କରି ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ଭଳି ବଡବଡ ଦେଶର ନେତାଙ୍କୁ ପଛରେ ପକାଇ ମୋଦି ୧ନଂ ସ୍ଥାନରେ ରହିଛନ୍ତି।ବିଶ୍ୱସ୍ତରୀୟ ନେତାଙ୍କ ଲୋକପ୍ରିୟତାକୁ ଟ୍ରାକ କରୁଥିବା ଆମେରିକୀୟ ସଂସ୍ଥା ମର୍ଣ୍ଣିଂ କନସଲ୍ଟ ଏପରି ରିପୋର୍ଟ ଦେଇଛି। ପୂର୍ବରୁ ମଧ୍ୟ ସଂସ୍ଥା ଦେଇଥିବା ରିପୋର୍ଟରେ ମୋଦି ହିଁ ୧ନଂ ସ୍ଥାନରେ ରହିଥିଲେ।

## ଷ୍ଟାଫ ସିଲେକ୍ସନ କମିଶନ କରିବ ପରିସଂଖ୍ୟାନ ସହାୟକ ପଦବୀ ନିଯୁକ୍ତି

ଭୁବନେଶ୍ୱର,୧୫।୯(ପି.ଏନ): ଓଡ଼ିଶା ସ୍ୱାସ୍ଥ୍ୟ ଗୁଇନ୍ଦା ଓ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ସେବା(ନିଯୁକ୍ତି ଓ ସେବା ସର୍ତାବଳୀ) ନିୟମାବଳୀ-୨୦୨୩ ପ୍ରଣୟନ ପାଇଁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଏହି ପରିସଂଖ୍ୟାନ ସହାୟକ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା କରିବେ ଓ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ କମ୍ପ୍ୟୁଟର ପରିବର୍ତେ ସ୍ନାତକ ଡିଗ୍ରୀ ସହ ଗଣିତ କିମ୍ବା ପରିସଂଖ୍ୟାନ ସହିତ କମ୍ପ୍ୟୁଟର ଅଭିଜ୍ଞତା ରହିବା ଜରୁରୀ ।

## ସାଧାରଣ ନିର୍ବାଚନ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପୁରୀ,୧୫।୯(ପି.ଏନ):ପୁରୀ ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଆଜି ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ।ଏଥିପାଇଁ ପୂର୍ବ ପ୍ରସ୍ତୁତି ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ ।ଏଥିପାଇଁ ଜିଲ୍ଲା ନିର୍ବାଚନ ପରିଚାଳନା ବା ଡିଷ୍ଟ୍ରିକ୍ଟ ଇଲେକ୍ସନ ମ୍ୟାନେଜମେଣ୍ଟ ପ୍ଲାନ ପ୍ରସ୍ତୁତ କରିବା ଜରୁରୀ ।ଏଥିରେ ଜିଲ୍ଲା ପ୍ରୋଫାଇଲ,ମ୍ୟାପ,ସଠିକ ଭୋଟର ତାଲିକା,ବି ଏଲ ଓ ନିଯୁକ୍ତି,ସୁରକ୍ଷା ବ୍ୟବସ୍ଥା ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା, ପରିବହନ ପାଇଁ ଗାଡି ବ୍ୟବସ୍ଥା,ମତଦାନ କେନ୍ଦ୍ର ର ସ୍ଥିତି ଓ ଅବସ୍ଥିତି, ମତଦାତାଙ୍କ ପାଇଁ ସୁବିଧା ବ୍ୟବସ୍ଥା, ମତଦାନ କେନ୍ଦ୍ର ରେ ରାମ୍ପ ବ୍ୟବସ୍ଥା, ଇଭିଏମ୍ ରଖିବା ବ୍ୟବସ୍ଥା, ପୁଲିଂ ପାର୍ଟି କୁ ତାଲିମ ବ୍ୟବସ୍ଥା ,ମିଡିଆ ମ୍ୟାନେଜମେଣ୍ଟ ପ୍ଲାନ ଇତ୍ୟାଦି କୁ ପ୍ରସ୍ତୁତ କରିବାକୁ ଶ୍ରୀ ସାହୁ ବିଶଦ ଆଲୋଚନା କରିଥିଲେ ।ଉପଜିଲ୍ଲାପାଳ ଭବତାରଣ ସାହୁ ଏକ ସୁସ୍ଥ ଭୋଟର ତାଲିକା ପ୍ରସ୍ତୁତି,ନୂତନ ଭୋଟର ମାନଙ୍କୁ ସାମିଲ, ବି ଏଲ ଓ ଏବଂ ଅନ୍ୟାନ୍ୟ କର୍ମଚାରୀ ଙ୍କୁ ନିର୍ବାଚନ ରେ ଦାୟିତ୍ୱ ସମୟରେ ସେମାନଙ୍କ ଅବସର ସମୟକୁ ଅନୁଧ୍ୟାନ କରିବା ସହ ଭୋଟର ତାଲିକା ରେ ଯୋଗ ପାଇଁ ଭୋଟର ହେଲ୍ପ ଲାଇନ ଆପ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ ।ବିସ୍ତୃତ ସୂଚନା ଦେଇ ପୁରୀ ପୌର ନିର୍ବାହୀ ଅଧିକାରୀ ତଥା ରାଜ୍ୟ ନିର୍ବାଚନ ମାଷ୍ଟର ଟ୍ରେନର ସରୋଜ କୁମାର ସ୍ୱାଇଁ ଭୋଟର ତାଲିକା ପ୍ରସ୍ତୁତି,ମତଦାନ କେନ୍ଦ୍ରର ବ୍ୟବସ୍ଥା, ମତଦାତାଙ୍କୁ ସୁବିଧା ପ୍ରଦାନ, ଏ ଇ ଆର ଓ ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ, ସେକ୍ଟର ଅଫିସର, ବି ଏଲ ଓ ମାନଙ୍କ ଦାୟିତ୍ୱ ଇତ୍ୟାଦି ସମ୍ପର୍କରେ ମତ ଦେଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ରାମଚନ୍ଦ୍ର ପଟ୍ଟନାୟକ, ସହକାରୀ ଜିଲ୍ଲାପାଳ ରାଜ ବଲ୍ଲଭ ନାୟକ ଜିଲ୍ଲାର ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ତହସିଲଦାର, ବିଡ଼ିଓ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ସୂଚନା ଯୋଗ୍ୟ ଯେ ଜିଲ୍ଲାରେ ବର୍ତ୍ତମାନ ମୋଟ ଭୋଟର ଙ୍କ ସଂଖ୍ୟା ୧୩୫୯୪୫୯ ଥିବା ବେଳେ ଏଥିରେ ପୁରୁଷ ଭୋଟର ଙ୍କ ସଂଖ୍ୟା ୭୦୩୧୫୩,ମହିଳା ଭୋଟର ଙ୍କ ସଂଖ୍ୟା ୬୫୬୨୨୮ ଓ ଅନ୍ୟାନ୍ୟ ୭୮ ଜଣ ଭୋଟର ରହିଛନ୍ତି।

## ଅକ୍ଟୋବର ମାସରୁ ରାଜ୍ୟରେ ଆରମ୍ଭ ହେବ ବାଘ ଗଣନା: ପ୍ରଥମେ ଟ୍ରେନିଂ ନେଲେ ୨୦ ଜଣ ମାଷ୍ଟର ଟ୍ରେନର



ଭୁବନେଶ୍ୱର,୧୫।୯(ପି.ଏନ): ଆସନ୍ତା ଅକ୍ଟୋବର ମାସରେ ରାଜ୍ୟରେ ଆରମ୍ଭ ହେବ ବାଘ ଗଣନା । ରାଜ୍ୟର ଶିମିଳିପାଳ ଜାତୀୟ ଉଦ୍ୟାନ, ସାତକୋଶିଆ, ଡେବ୍ରିଗଡ, କେନ୍ଦୁଝର, ସୁନାବେଡା ସହ ଅନ୍ୟ କିଛି ଜଙ୍ଗଲରେ ଏହି ଗଣନା କାର୍ଯ୍ୟ ଆରମ୍ଭ କରିବା ନେଇ ବନ ବିଭାଗ ଲକ୍ଷ୍ୟ ରଖିଛି । ତେବେ ପ୍ରଥମେ ଟ୍ରାଞ୍ଜାକ୍ଟ ଆନାଲିସିସ ଜରିଆରେ ବାଘର ସନ୍ଧାନ କରାଯିବ । ତା'ପରେ ଯେଉଁଠାରେ ବାଘ ସମ୍ପର୍କରେ ସୂଚନା ମିଳିବ ସେଠାରେ କ୍ୟାମେରା ଟ୍ରାପ ଲଗାଯିବ ।ନିକଟରେ ବେଙ୍ଗାଲୁରୁ ସ୍ଥିତ ଭାରତୀୟ ବନ୍ୟପ୍ରାଣୀ ପ୍ରତିଷ୍ଠାନର ୩ ଜଣ ବିଶେଷଜ୍ଞ ଆସିଥିବା ବେଳେ ସେମାନେ ପ୍ରଥମେ ୨୦ ଜଣ ମାଷ୍ଟର ଟ୍ରେନରଙ୍କୁ ତାଲିମ୍ ଦେଇଛନ୍ତି । ଆସନ୍ତା ମାସ ୧୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବାକୁ ଥିବାବେଳେ ସେଥିରେ ୮ଟି ସର୍କଲର ଡିଏଫଓ, ଏସିଏଫ, ବନ ବିଭାଗ ଅଧିକାରୀ, ବନ କର୍ମଚାରୀଙ୍କୁ ସାମିଲ କରାଯାଇଛି । ମାଷ୍ଟର ଟ୍ରେନରମାନେ ଟ୍ରେନିଂ ନେବା ପରେ ସେମାନେ ଗଣନାରେ ସାମିଲ ହେବାକୁ ଥିବା କର୍ମଚାରୀଙ୍କୁ ଟ୍ରେନିଂ ଦେବେ ।ତେବେ ପ୍ରଥମ ପର୍ଯ୍ୟାୟରେ ଶିମିଳିପାର, କୁଳଡିହା, ହଦଗଡ, ଘଟଗାଁ ବନ୍ୟାଞ୍ଚଳରେ ବାଘ ଗଣନା କରାଯିବ । ଗତ ୨୦୧୮ ମସିହା ତୁଳନାରେ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ହୋଇଥିବା ସୂଚନା ମିଳିଛି । ତେଣୁ ଆଗାମୀ ଦିନରେ ରାଜ୍ୟରେ ବାଘ ସଂଖ୍ୟା ବ ?ିବାର ସମ୍ଭାବନା ରହିଛି । ଗତ ଅଗଷ୍ଟ ମାସରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ପକ୍ଷରୁ ଦେଶରେ ବ୍ୟାଘ୍ର ଗଣନା ନେଇ ରିପୋର୍ଟ ପ୍ରକାଶ ପାଇଥିଲା । ଅକ୍ଟୋବର ୧୫ରୁ ୩୧ ପର୍ଯ୍ୟନ୍ତ ବାଘର ଚଲାପଥ ସର୍ଭେ? କରାଯିବ । ଜାନୁଆରୀ ୩୧ ସୁଦ୍ଧା ବାଘର ସଠିକ୍ ସଂଖ୍ୟା ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ବନ୍ୟପ୍ରାଣୀ ପିସିସିଏଫ ସୂଚନା ଦେଇଛନ୍ତି ।

## ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ନବୀନ ବାବୁ, ନିଜ ଛାଇକୁ ଦେଖିଲେ ଡରୁଛନ୍ତି: ମନମୋହନ ସାମଲ

ରାୟଗଡା / ଭୁବନେଶ୍ୱର,୧୫।୯(ପି.ଏନ): ଜଙ୍ଗଲ, ଖଣିଜ, ଜଳସମ୍ପଦ, ସୁଦୀର୍ଘ ବେଳାଭୂମି ଇତ୍ୟାଦି ପ୍ରାକୃତିକ ସମ୍ପଦରେ ଭରପୁର ଓଡ଼ିଶା ରାଜ୍ୟ । ଓଡ଼ିଶା ଧନୀ କିନ୍ତୁ ଦୁର୍ଭାଗ୍ୟର ବିଷୟ ଓଡ଼ିଶାର ଲୋକେ ଗରିବ। କୃଷି ପ୍ରାଧାନ୍ୟ ଓଡିଶାରେ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା ଏବଂ ପରବର୍ତୀ ସମୟରେ ୧୦ ଲକ୍ଷ ହେକ୍ଟର ଚାଷ ଜମି ଜଳସେଚନ କରାଯିବାର ବାରମ୍ବାର ଘୋଷଣା କରି ସୁଦ୍ଧା ଆଜି ପର୍ଯ୍ୟନ୍ତ ଗୋଟିଏ ଇଂଚ ଜମି ଜଳସେଚିତ କରିବାରେ ବିଫଳ ହୋଇଛି ୨୩ ବର୍ଷର ଅପାରଗ ଶାସକ ବିଜୁ ଜନତା ଦଳ । ମହିଳା, ଶିଶୁ, ଯୁବକ, ଚାଷୀ, ଶ୍ରମିକ ସମସ୍ତେ ପ୍ରତାରଣାର ଶିକାର ହେଉଛନ୍ତି। ଛାତ୍ର, ଶିକ୍ଷକ, କୃଷକମାନେ ନିଜ ନ୍ୟାର୍ଯ୍ୟ ଦାବୀ ନେଇ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି । ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଉବୁଟୁବୁ ବିଜେଡି ସରକାର ରାଜ୍ୟବାସୀଙ୍କ ସମସ୍ୟାର ସମାଧାନ ପାଇଁ ଆଦୌ ଚିନ୍ତିତ ନୁହନ୍ତି। ଓଡ଼ିଶାରେ ଲୋକପ୍ରତିନିଧିଙ୍କ ସରକାର ଚାଲୁନାହିଁ ବରଂ ଲିଜ୍‌ରେ ସରକାର ଚାଲିଛି। ଓଡ଼ିଶାରେ ଯେଉଁ ଏକଛତ୍ରବାଦୀ, ଲିଜ୍‌ରେ ଥିବା ସରକାର ଚାଲିଛି, ତାର ଆଗାମୀ ଦିନରେ ବିସ୍ଫୋରଣ ହେବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।ରାୟଗଡାଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ଓଡିଶାର ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି, ଯାହାକି ଅତ୍ୟନ୍ତ ଲଜ୍ଜାଜନକ । କେନ୍ଦ୍ରରେ ମୋଦି ସରକାର ଶାସନକୁ ଆସିବା ପରେ ଅନେକ କୃଷକକଲ୍ୟାଣ ଯୋଜନାକୁ ସଫଳ ଭାବେ ରୂପାୟନ କରିଛନ୍ତି । କିନ୍ତୁ, ଓଡିଶାରେ ବିଜେଡି ସରକାର ଏ ସମସ୍ତ ଯୋଜନାର ସୁଫଳକୁ ଚାଷୀମାନଙ୍କ ନିକଟରେ ପହଂଚାଇବାରେ ବିଫଳ ହୋଇଛନ୍ତି । ଚାଷୀମାନଙ୍କୁ ଉତ୍ପାଦିତ ଶସ୍ୟର ଉଚିତ୍ ମୂଲ୍ୟ ନମିଳିବାରୁ ଅଭାବୀ ବିକ୍ରୀର ଶିକାର ହୋଇ ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ମିଳୁନାହିଁ। ଜଙ୍ଗଲଭରା ଓ ଆଦିବାସୀବହୁଳ ରାୟଗଡା ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ଆର୍ଥୀକ ସହାୟତା ସତ୍ୱେ 'ଫରେଷ୍ଟ ମାଇନର୍ ପ୍ରଡକ୍ଟ' ବା ଲଘୁଜାତ ବନଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାରେ ବିଫଳ ହୋଇଛନ୍ତି ରାଜ୍ୟ ସରକାର। ସେହିପରି ଚାଷଜମିକୁ ଜଳସେଚିତ କରାଇବାରେ ବିଫଳ ହେଲେ । ରାୟଗଡାର 'ପାଣିଡଙ୍ଗର ଜଳସେଚନ ପ୍ରକଳ୍ପ'ର ଶିଳାନ୍ୟାସ ହୋଇଛି କିନ୍ତୁ ତାହା କିଛି କାର୍ଯ୍ୟରେ ଲାଗିନାହିଁ। ରାୟଗଡାରେ କୃଷକଙ୍କ ପାଖରୁ ଧାନକିଣା ଠିକ୍‌ଭାବରେ ହେଉନାହିଁ କି ମଣ୍ଡିଖୋଲୁ ନାହିଁ। ଫଳରେ କୃଷକ ଧାନର ଉଚିତ ମୂଲ୍ୟ ପାଇବାରୁ ବଂଚିତ ହେଉଛନ୍ତି। ରାୟଗଡାରେ କୃଷିଭିତିକ ଶିଳ୍ପବ୍ୟବସ୍ଥାର ଆବଶ୍ୟକତା ଅଛି। ୨୩ବର୍ଷ ନବୀନ ସରକାର ଚାଷୀଙ୍କ ପାଇଁ ଜଳସେଚନ, ଶୀତଳଭଣ୍ଡାର କରିବାରେ ଫେଲ ମାରିଛି। ଏହା ହୋଇଥିଲେ ରାୟଗଡା ଅଂଚଳର ଲୋକଙ୍କ ଜୀବନଧାରା ବଦଳି ଯାଆନ୍ତା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। କଂଗ୍ରେସ ନେତୃତ୍ୱ ୟୁପିଏ ଶାସନରେ (୨୦୦୪-୧୪) ୧୦ବର୍ଷରେ ଓଡ଼ିଶାକୁ ମାତ୍ର ୨ଲକ୍ଷ ୮୩ ହଜାର କୋଟି ଟଙ୍କା ମିଳିଥିବାବେଳେ ମୋଦି ସରକାର ଅମଳରେ ଗତ ୯ବର୍ଷରେ ଓଡ଼ିଶାକୁ ୧୮ଲକ୍ଷ ୮୩ହଜାର କୋଟି ଟଙ୍କାର ଆର୍ଥୀକ ଅନୁଦାନ ଓ ସହାୟତା ମିଳିଛି । ରାଜ୍ୟ ସରକାର ଛାତ୍ରନେତାଙ୍କୁ ଡରି କଲେଜ ନିର୍ବାଚନ ବନ୍ଦ କରିଛନ୍ତି। ଦୀର୍ଘ ୭ବର୍ଷ ହେବ ଶିକ୍ଷକଙ୍କୁ ଭଣ୍ଡାଉଛି ନବୀନ ସରକାର। ରାଜ୍ୟର ଶିକ୍ଷକଙ୍କ ୫ପ୍ରକାର ବେତନ ବ୍ୟବସ୍ଥା ନକରି ସମସ୍ତଙ୍କୁ ସମାନ ବେତନ ଦିଅନ୍ତୁ। ମୋଦି ସରକାର ଶିକ୍ଷକଙ୍କ ପାଇଁ ଟଙ୍କା ଦେଉଛନ୍ତି ତାହାକୁ ଶିକ୍ଷକଙ୍କୁ ଦେବାର ଅସୁବିଧା କେଉଁଠି ? ଓଡ଼ିଶାରେ ଏବେ ଅରାଜକତା ବ୍ୟାପିଛି ଫଳରେ ଲୋକଙ୍କ ଭିତରେ ଅସନ୍ତୋଷ ନିଆଁ ସୃଷ୍ଟି ହୋଇଛି। ଓଡ଼ିଶାର ଅନ୍ୟାୟ, ଅନିତି, ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାରକୁ ଜନତା ସହ୍ୟ କରିବେ ନାହିଁ ବୋଲି ଶ୍ରୀ ସାମଲ କହିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସଂପାଦକ କାଳିରାମ ମାଝୀ, ରାୟଗଡା ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

## ଦଇପୁର ଠାରୁ ବୃନ୍ଦାଦେଇପୁର ହାଟ ରାସ୍ତା ଶୋଚନୀୟ

ଜେନାପୁର,୧୫।୯(ପି.ଏନ) ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତର ହାଟ ରାସ୍ତା ଶୋଚନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସୂଚନ ?ା ମୁତାବକ ଏହି ରାସ୍ତାଟି ଦଇପୁର ଠାରୁ ପଞ୍ଚାୟତ ଦେଇ ହାଟ ପର୍ଯ୍ୟନ୍ତ ରାସ୍ତା ଥିବ ?ାରୁ କିଛି ଦିନ ତଳେ ପକା ସଡକ କରାଯାଇଥିବା ବେଳେ ବର୍ତ୍ତମାନ କ୍ଷେତ୍ରରେ ଟିକେ ବର୍ଷା ହେଲେ କୃତ୍ରିମ ହ୍ରଦ ସୃଷ୍ଟି ହୋଇଯାଉଛି । ଯାହା ଫଳରେ କି ଜନସାଧାରଣ ରାସ୍ତା ଉପରେ କାଦୁଅ ପଚ୍‌ପଚ୍ କୁ ପାଣି ପାଇଁ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି । ଏହି ରାସ୍ତାଟି ଦଇପୁର ଗାଁର ନୈନ୍ଦିନ ପଞ୍ଚାୟତ ଠାରୁ ଆରମ୍ଭ କରି ହାଟରେ ବ୍ୟବସାୟି, ବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ,ବ୍ୟାଙ୍କ୍ ଓ ବିଭିନ୍ନ କାମ ପାଇଁ ମୁଖ୍ୟ ଗମନାଗମନ ରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ୫୦ ଘଣ୍ଟା ବିତିଲାଣି: ସରୁନି ଏନକାଉଣ୍ଟର, ଜଣେ ଯବାନ ନିଖୋଜ



ନୂଆଦିଲ୍ଲୀ,୧୫।୯(ପି.ଏନ): ଜମ୍ମୁ-କଶ୍ମୀରର ଅନନ୍ତନାଗରେ ଆରମ୍ଭ ହୋଇଥିବା ଏନକାଉଣ୍ଟରକୁ ୫୦ ଘଣ୍ଟାରୁ ଅଧିକ ସମୟ ବିତି ଗଲାଣି। ତଥାପି ସେଠାରେ ଗୁଳି ବିନିମୟ ଜାରି ରହିଛି। ଡ୍ରୋନ ଠାରୁ ଆରମ୍ଭ କରି ସେନା ପକ୍ଷରୁ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଥିଲେ ହେଁ ଲୁଚି ରହିଥିବା ଆତଙ୍କୀଙ୍କ ପତ୍ତା ମିଳୁନି। ସେମାନେ ଘଞ୍ଚ ଜଙ୍ଗଲ ମଧ୍ୟରେ ଲୁଚି ରହି ବାରମ୍ବାର ବିସ୍ଫୋରଣ କରୁଥିବା ବେଳେ ଗୁଳିମାଡ ଜାରି ରଖିଛନ୍ତି। ବୁଧବାର ସକାଳୁ ଆରମ୍ଭ ହୋଇଥିବା ଏନକାଉଣ୍ଟରରେ ପୂର୍ବରୁ ୪ ଜଣ ସୁରକ୍ଷାକର୍ମୀ ସହିଦ ହୋଇ ସାରିଛନ୍ତି। ଆଜି ଅପରେସନ ବେଳେ ଆଉ ଜଣେ ଯବାନ ହଠାତ ନିଖୋଜ ହୋଇ ଯାଇଛନ୍ତି। ସେହିପରି ଆଉ ୨ ଜଣ ଆହତ ହୋଇଛନ୍ତି। ନିଖୋଜ ଯବାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଚାଲିଛି। ତଥାପି ଏଯାଏ ତାଙ୍କର କୌଣସି ପ୍ରକାରର ପତ୍ତା ମିଳିନାହିଁ।






# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି ।ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



## ପୁରାଣ କାହାଣୀ

# ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ମୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ




ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ଼ କରିଥାଏ ଗଣମାଧ୍ୟମ

ଖୋର୍ଦ୍ଧା (ପିଏନ୍): ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ ଓ ସୁରକ୍ଷିତ କରି ରଖିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି "ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ" ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଭାପତିତ୍ୱ କରି 'ମାର୍ଗଦର୍ଶୀ'ର ସମ୍ପାଦକ ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ପ୍ରତିଷ୍ଠାତା ରାମଶଙ୍କର ତାଙ୍କ ସ୍ୱାଗତ ଭାଷଣରେ ଆଲୋଚନାର ବିଷୟ ବସ୍ତୁ 'ଗଣମାଧ୍ୟମରେ ପ୍ରକାଶିତ ଜନସମସ୍ୟାର ଜନସାଧାରଣ, ସରକାର, ପ୍ରଶାସନ ତଥା ଜନପ୍ରତିନିଧିଙ୍କ ଉପରେ କି ପ୍ରଭାବ ପଡୁଛି ଏବଂ ତାହା କେତେଦୁର କାର୍ଯ୍ୟକାରୀ ହେବାସହ ଜନସମାସ୍ୟାର ସମାଧାନ ହେଉଛି ବୋଲି ଏକ ମାର୍ମିକ ପ୍ରଶ୍ନ ରଖିଥିଲେ। ଏହି ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇ ବି.ଡି.ଏ.ର ପ୍ରାକ୍ତନ କମିଶନର ଦେବରାଜ ସେନାପତି ନିଜର ବକ୍ତବ୍ୟରେ କହିଥିଲେ ଗଣମାଧ୍ୟମରେ ପ୍ରକାଶିତ ଖବରର ପ୍ରଭାବ ନିଶ୍ଚୟ ପଡୁଛି ମାତ୍ର ତାହା ଅନେକାଂଶରେ ହ୍ରାସ ପାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ଡକ୍ଟର ନାରାୟଣ ରାଓ ନିଜ ବକ୍ତବ୍ୟରେ କହିଥିଲେ ସାମ୍ବାଦିକତା ହିଁ ଏକମାତ୍ର ଅସ୍ତ୍ର ଯାହା ସମାଜରେ ସଂସ୍କାର ଆଣିବା ପାଇଁ ସକ୍ଷମ। ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର ସରକାରଙ୍କର ଅପାରଗତା ଓ ଜନପ୍ରତିନିଧିମାନଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର କହିଥିଲେ ନିର୍ଦ୍ଦିଷ୍ଟ ସଂସ୍ଥାର ମାଲିକ ମାନଙ୍କର ସରକାରଙ୍କ ସହ ମଧୁଚନ୍ଦ୍ରିକା ଯୋଗୁ ଆଜି ଗଣମାଧ୍ୟମ ବିପନ୍ନ। ଏହି ଆଲୋଚନାଚକ୍ରରେ 'ସମାଜ' ପ୍ରତିନିଧି ରାମନାରାୟଣ ଦାଶ କହିଥିଲେ ଆଜି ଖବରକାଗଜ ବିଜ୍ଞାପନସର୍ବସ୍ୱ ହୋଇଯାଇଛି। ଏହାସତ୍ତ୍ୱେ ଗଣମାଧ୍ୟମରେ ପ୍ରସାରିତ ସକାରାତ୍ମକ ଖବରର ପ୍ରଭାବ ନିଶ୍ଚୟ ରହିଛି। ନାଚୁଣୀର ସମ୍ବାଦ ପ୍ରତିନିଧି ପ୍ରଦୋଶ ଦାସ କହିଥିଲେ ସକାରାତ୍ମକ ଖବର ପରିବେଷଣ ପାଇଁ ପ୍ରତ୍ୟେକ ସାମ୍ବାଦିକ ଯତ୍ନବାନ ହେବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ରାଜକିଶୋର ପାଣିଗ୍ରାହୀ, ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁଧୀର ମାନସିଂ, ରାଜଧାନୀ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା , ବରିଷ୍ଠ ନାଗରିକ ମଂଚର ଉପସଭାପତି ବୈକୁଂଠ ମହାପାତ୍ର, ସାମ୍ବାଦିକ ଦିଲ୍ଲିପ ପଟ୍ଟନାୟକ, ଡିଏସଓର ସମ୍ପାଦକ ଜୟନ୍ତ ମହାନ୍ତି, ଅଧିବକ୍ତା ବସନ୍ତ ଦାସ, ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାମ୍ବାଦିକ ପ୍ରଦୋଷ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ରାମଶଙ୍କର ଖୋର୍ଦ୍ଧା ପୌର ପରିଷଦ ଦ୍ୱାରା ଖୋରଧାବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଦାବୀରେ ଜନତାଙ୍କ ସ୍ୱର ଉତ୍ତୋଳନ ପାଇଁ ଦଳମତ ନିର୍ବିଶେଷରେ ଏକଜୁଟ ହେବାପାଇଁ ଆହ୍ୱାନ ଦେବାସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ବକେୟା ରାସନ ସାମଗ୍ରୀ ଦେବାକୁ ଦାବି



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଏଣ୍ଡଲବା ପଞ୍ଚାୟତ ପାଟପୁର ଗାଁର ୪ ପରିବାରକୁ ବକେୟା ରାସନ ସାମଗ୍ରୀ ଦେବାକୁ ଦାବି ହୋଇଛି । ରାଜୀବ ଚରଣ ବେହେରା, ଘନଶ୍ୟାମ ବେହେରା, ବାଲୁଙ୍କେଶ୍ୱର ପ୍ରଧାନ ଓ କଣ୍ଟେଇ ବେହେରା ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶ ଯେ, ପାଟପୁର ଗାଁର ରାଜୀବଙ୍କ ପତ୍ନୀ କନକ ବେହେରାଙ୍କ ନାଁରେ ଥିବା ରାସନ କାର୍ଡ଼ରେ ତାଙ୍କ ପରିବାରର ୪ ଜଣଙ୍କୁ ରାସନ ସାମଗ୍ରୀ ମିଳୁଥିଲା । ତେବେ ରାଜନୈତିକ ଆକ୍ରୋଶରୁ ୨୦୧୭ ଅଗଷ୍ଟ ମାସରୁ ସେମାନଙ୍କ ରାସନ ହଠାତ୍ ବନ୍ଦ କରି ଦିଆଯାଇଥିଲା । ଏହାକୁ ନେଇ ବାଦବିବାଦ ଓ କୋର୍ଟରେ ମାମଲା ହେବାପରେ ୨୦୧୮ ଜୁଲାଇ ମାସରେ ଏହି ପରିବାରକୁ ପୁଣି ରାସନ ସାମଗ୍ରୀ ଦିଆ ଯାଇଥିଲା । ଏହି ସମୟ ମଧ୍ୟରେ କନକଙ୍କ ପରିବାର ୧୧ ମାସର ରାସନ ପାଇନଥିଲେ । ଏହା ସତ୍ତ୍ୱେ ୨୦୧୯ ନଭେମ୍ବର ମାସରେ ଉକ୍ତ ପରିବାରର ରାସନ ପୁଣି ବନ୍ଦ ହୋଇଗଲା । ୧୫ ମାସ ରାସନ ପାଇବା ପରେ ପୁନର୍ବାର ବନ୍ଦ ହୋଇଯିବାକୁ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅଙ୍ଗୁଳି ଉଠାଇଥିଲେ ହିତାଧିକାରୀ କନକଙ୍କ ପରିବାର । ଖୋଲତାଡ଼ ହେବାପରେ ୨୦୨୦ ମଇ ମାସରେ ପୁଣି ରାସନ ଦିଆଯାଇଥିଲା । ଏହି ସମୟ ମଧ୍ୟରେ ଆଉ ୬ ମାସର ରାସନ ମିଳିନଥିଲା । ଦୁଇଟି ପର୍ଯ୍ୟାୟରେ ୧୭ ମାସର ରାସନ ମିଳିନଥିଲା କନକଙ୍କ ପରିବାରକୁ । ଏ ନେଇ କନକଙ୍କ ସ୍ୱାମୀ, ଦୁଇପୁଅ ବିଷ୍ଣୁ ଓ ଆନନ୍ଦ ବାରମ୍ବାର ଡିଲର, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଓ ଯୋଗାଣ ନିରୀକ୍ଷକଙ୍କୁ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ଅଢ଼େଇ ବର୍ଷ ହେଲା ରାସନ ସାମଗ୍ରୀ ମିଳୁନାହିଁ । ସେହିପରି ଏହି ଗ୍ରାମର ରୁଲତା ବେହେରାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ୧୩ ମାସର ରାସନ ମିଳିନଥିବା ତାଙ୍କ ସ୍ୱାମୀ ଘନଶ୍ୟାମ ଅଭିଯୋଗ କରିଛଁନ୍ତି । ଏଥିସହ ନୀଳେନ୍ଦ୍ର ପ୍ରଧାନଙ୍କ ପରିବାରର ୪ଜଣ ସଦସ୍ୟ ୬ ମାସର ରାସନ ପାଇ ନଥିବା ତାଙ୍କ ସ୍ୱାମୀ ବାଲୁଙ୍କେଶ୍ୱର ସୂଚନା ଦେଇଛନ୍ତି । ସେମିତି କଣ୍ଟେଇ ବେହେରାଙ୍କ ପରିବାରର ୬ଜଣ ସଦସ୍ୟଙ୍କ ମଧ୍ୟରୁ ୩ଜଣଙ୍କ ରାସନ ସାମଗ୍ରୀ ୨୦୧୯ରୁ ବନ୍ଦ ହୋଇ ଯାଇଥିବା କୁହାଯାଇଛି । ତୁରନ୍ତ ସଂପୃକ୍ତ ୪ ପରିବାରକୁ ବକେୟା ରାସନ ସାମଗ୍ରୀ ପ୍ରଦାନ କରିବାକୁ ନୂତନ ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ବାଲେଶ୍ୱର (ପିଏନ୍)-ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୁପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦିନକୁ ସେବା ଦିବସ ରୂପେ ପାଳନ କରାଯାଇଛି। ସକାଳ ୭ ଘଟିକାରେ ଝାଡ଼େଶ୍ୱର ମନ୍ଦିରରେ ୧୦୮ ଜଳାଭିଷେକ କରାଯାଇ ନବୀନବାବୁଙ୍କ ପାଇଁ ସାମୂହିକ ପୂଜାର୍ଚ୍ଚନା କରାଯିବା ପରେ କଚେରୀ ହତାକୁ ବିଜୁ ଜନତା ଦଳର କର୍ମୀ ମାନେ ସଫେଇ କରିଥିଲେ। ଏହାପରେ ମିସନ ପଡ଼ିଆରେ ଥିବା ଖ୍ରୀଷ୍ଟିଆନ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିସହିତ ରେମୁଣା ଗୋଲାଇ ସ୍ଥିତ ଗୁରୁଦ୍ୱାରରେ ପୂଜାର୍ଚ୍ଚନା କରାଯିବା ସହ ବାଲେଶ୍ୱର ରାଣୀପାଟଣାରେ ଥିବା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଅନ୍ତେବାସୀଙ୍କ ସହ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନକୁ କେକ୍ କାଟି ପାଳନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାପରେ ସୁନହଟରେ ଥିବା ଭୁଜାଖିଆ ପୀରବାବା ଏବଂ କେଥଲିକ ଚର୍ଚ୍ଚରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସଦର ବିଧାୟକଙ୍କ ସହ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଟାଉନ ସଭାପତି ସନତ ଦାସ, ବରିଷ୍ଠ ନେତା ରଂଜନ ବାଗ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗଉରୀ ରାଉତ, ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ସୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ମହିଳା ସଂପାଦିକା ଦୀପାରାଣୀ ସାହୁ, ରାଜ୍ୟ ଯୁଗ୍ମ ସଂପାଦକ ସତ୍ୟରଞ୍ଜନ ଦାସ, ବରିଷ୍ଠ ନେତା ଯଯାତୀ ଦାସ, କାଉନସିଲର ମୀତା ପଟ୍ଟନାୟକ, କବିତା ମୁର୍ମୁ, ମୀରାଜ ବାନୋ, ପ୍ରତିଲତା ସେଠୀ, ରାଧାକୃଷ୍ଣ ଦାସ, ସନ୍ଧ୍ୟାରାଣୀ ଜେନା, ଅର୍ପିତା ପ୍ରିୟଦର୍ଶନୀ, ଶଶିରେଖା ମହାନ୍ତି, ସେକ୍ ଆୟୁବ, ପଦ୍ମଲୋଚନ ଲେଙ୍କା, ପୂର୍ବତନ କାଉନସିଲର ବିଶ୍ୱଜିତ୍ ମହାପାତ୍ର, ସାକିର ଖାନ୍, ସଞ୍ଜୟ ବେହେରା, ସେକ୍ ରାଜୁ, ଧନଞ୍ଜୟ ଜେନା, ଜୋନାଲ ଯୁବ ସାଧାରଣ ସଂପାଦକ ଧିରେନ ନାୟକ, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ୍ ଅନସର, ଟାଉନ ଯୁବ ସଭାପତି ଉମାଶଂକର ତିଆଡ଼ି ଓ ଛାତ୍ରନେତା ବିଭୁଦତ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ୱାର୍ଡ ସଭ୍ୟସଭ୍ୟାଙ୍କ ପ୍ରଶିକ୍ଷଣ ଶିବିର



ଧର୍ମଶାଳା (ପିଏନ୍): ୱାର୍ଡ ସଭ୍ୟା/ ସଭ୍ୟମାନେ ହେଉଛନ୍ତି ପଂଚାୟତିରାଜ ବ୍ୟବସ୍ଥାର ତୃଣମୂଳ ପ୍ରତିନିଧି । ସେମାନଙ୍କର ସକ୍ରିୟ ଯୋଗଦାନ ଯୋଗୁ ପଂଚାୟତିରାଜ ବ୍ୟବସ୍ଥା ସଶକ୍ତ ହୋଇଥାଏ । ୱାର୍ଡ/ସଭ୍ୟ/ ସଭ୍ୟାମାନଙ୍କ ଦକ୍ଷତା ବୃଦ୍ଧିକୁ ଲକ୍ଷ୍ୟ କରି ରାଜ୍ୟ ଗ୍ରାମଉନ୍ନୟନ, ପଂଚାୟତିରାଜ, ଜିଲ୍ଲାପରିଷଦ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲିଶ୍ରୀର ମିଳିତ ଉଦ୍ୟମରେ ନବନିର୍ବାଚିତ ୱାର୍ଡ ସଭ୍ୟମାନଙ୍କୁ ନେଇ ଏକ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଧର୍ମଶାଳା ବ୍ଲକର ଜାରକା, କୁମାରୀ, ଚହଟା ଓ ସୁନ୍ଦୁରିଆ ଗ୍ରାମପଂଚାୟତର ୪୩ ଜଣ ସଭ୍ୟ/ସଭ୍ୟା ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ । ଜାରକାସ୍ଥିତ ପ୍ରୟାଗ ମଣ୍ଡପରେ ଆୟୋଜିତ ଏହି ଶିବିରକୁ ଧର୍ମଶାଳା ପଂଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ । ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଧଳ, ଏବିଡିଓ ଅସିତ କୁମାର ପାତ୍ର, ଏପିଓ ପ୍ରଜ୍ଞାପରମିତା ସାମଲ, ତାଲିମଦାତା ଦେବଦତ ସାହୁ, ପବିତ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ୫-ଟି ଓ ମୋ ସରକାର ପ୍ରୟାସ ଜରିଆରେ ପଂଚାୟତିରାଜ ବ୍ୟବସ୍ଥା ସମ୍ଭବ ବୋଲି କହିଥିଲେ । ପଲ୍ଲିଶ୍ରୀର ସମ୍ପାଦକ ଶତୃଘ୍ନ ସାହୁ, ସଂଯୋଜକ ଅଭିଷେକ ପଣ୍ଡା ଓ ସୁନାକର ସାହୁ ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ । ପର୍ଯ୍ୟାୟକ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳିର ୬୩୭ ୱାର୍ଡସଭ୍ୟ/ସଭ୍ୟାମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ପଲ୍ଲିଶ୍ରୀ ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ବାଇଶି ପାହାଚେ ପିଣ୍ଡଦାନର ତାତ୍ପର୍ଯ୍ୟ



ବାଇଶି ପାହାଚ କହିଲେ ଶ୍ରୀମନ୍ଦିରର ସିଂହଦ୍ୱାରସ୍ଥ ମୂଳଶାଳାର ମେଘନାଦ ପାଚେରୀ ଠାରୁ ଦ୍ୱିତୀୟ ବେଢ଼ା ଅର୍ଥାତ୍ କୂର୍ମବେଢ଼ାଯାଏଁ ପାହାଚ ଶ୍ରେଣୀକୁ ବୁଝାଏ। ବାସ୍ତବିକ୍ ଏମିତି ଗଣନାରେ ପୂର୍ବରୁ ପଶ୍ଚିମକୁ କୂର୍ମ ବେଢ଼ାଯାଏ ମାତ୍ର କୋଡ଼ିଏ ଗୋଟି ପାହାଚ ଅଛି। ବାକି ଦୁଇଟି ପାହାଚରୁ ଗୋଟିଏ ପାହାଚ ଆନନ୍ଦ ବଜାରକୁ ଏବଂ ଅନ୍ୟଟି ରୋଷେଇ ଶାଳକୁ। ଏମିତିରେ ଏମାନେ ବାଇଶି ॥

କେତେକ ମତ ସାବ୍ୟସ୍ତ କରନ୍ତି ଯେ ମୂଳମନ୍ଦିରର କୂର୍ମବେଢ଼ାରେ ବାହାରେ ଥିବାରୁ ଏହାର ନାମଥିଲା ବହିଃସ୍ଥ ପାବଛ। ଏହାପରେ ଅପଭ୍ରଂଶ ହୋଇ 'ବହିଃସ୍ଥରୁ ବାଇଶି ଓ ପାବଛରୁ ପାହାଚ' ହୋଇଛି। ଯେଉଁମାନେ ଯୁକ୍ତି ଦର୍ଶାଇ କୁହନ୍ତି ଯେ ଏହା ମିଥ୍ୟା ବାଇଶି ହିଁ ସତ୍ୟ, ସେମାନେ କୁହନ୍ତି ଯେ କେତେକ ବିଷୟବସ୍ତୁକୁ ଆଧାରକରି ଏହା ବାଇଶି। ଯେମିତି ୨୨ ଅଧିଷ୍ଠାତ୍ରୀ ଦେବୀମାନଙ୍କୁ ନେଇ ଏହା ବାଇଶି ଯଥା - ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କ୍ରାନ୍ତି, ବୃତ୍ତି, ସ୍ଥିତି, ଦୟା, ତୁଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା ଇତ୍ୟାଦି ସମାହାରର ପ୍ରତୀକ ବାଇଶି। ଆଉ କାହା ମତରେ ଏହା ଚୁତର୍ଦଶ ଭୁବନ ଓ ଅଷ୍ଟବୈକୁଣ୍ଠର ସମାହାରକୁ ପ୍ରତିନିଧିତ୍ୱ କରନ୍ତି; ଆଉ କେହି କୁହନ୍ତି ଯେ ଏହା ଭାଗବତର ଦ୍ୱାଦଶ ସ୍କନ୍ଦ ସହ ଦଶତତ୍ତ୍ୱ ଯଥା ବାସୁଦେବ, ନୃସିଂହ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଗୋବିନ୍ଦ, ନାରାୟଣ, ମଦନମୋହନ, ବିମଳା ଓ ଭୁବନେଶ୍ୱରୀଙ୍କ ସମାହାରର ପ୍ରତୀକ; କେହିବି ଯୁକ୍ତି ରଖନ୍ତି ଯେ ଏହା ପଞ୍ଚରନ୍, ଅଷ୍ଟସାତ୍ତ୍ୱିକ ଭାବ, ତ୍ରୀବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ଅଟନ୍ତି; ପୁନଶ୍ଚ ଯୁକ୍ତି ଯେ କୃଷ୍ଣଚନ୍ଦ୍ର ସୁଆରଶ୍ରେଣୀ ୨୨ହେତୁ ତାଙ୍କୁ ପ୍ରତିନିଧିତ୍ୱ କରେ ୨୨ ପାହାଚ; ଏମିତିରେ ୨୨ଟି ବଡ଼ ଯଥା ବଡ଼ ଦେଉଳ, ବଡ଼ ଠାକୁର, ବଡ଼ ଦାଣ୍ଡ, ବଡ଼ ପଣ୍ଡା, ବଡ଼ ଭୋଗ (ମହାପ୍ରସାଦ), ବଡ଼ ପାବଛ ଇତ୍ୟାଦିକୁ ନେଇ ୨୨ ପାହାଚ ପ୍ରତିନିଧିତ୍ୱକୁ ବୁଝାନ୍ତି। ତେବେ ବହିଃସ୍ଥ ପାବଛ ହେଉ ବା ବାଇଶିପାହାଚ ହେଉ, ଯିଏ ଯେମିତି ସିଦ୍ଧାନ୍ତ ଟାଣିବାକୁ ଚେଷ୍ଟା କରିଛି, ତାହା ଠିକ୍ ହେଉ ବା ଭୁଲ ଆଉ ଏବେକୁ ଏହା ବାଇଶି ପାହାଚ ଠିକ୍।

ଶ୍ରୀକ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ବିଶ୍ୱାସରେ ଏ ପାହାଚଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ।



ଏସ୍ଥାନ ପାବନ - ପବତ୍ରର ପ୍ରତୀକ, କାରଣ ଏଇଠି ଅଛି ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଓ ଅଷ୍ଟ ବୈକୁଣ୍ଠ। ଏହା ମହତ୍ତ୍ୱ ବ୍ୟାଖ୍ୟାନ କରିବାକୁ ଯାଇ ବଳରାମ ଦାସ ଗୁପ୍ତ ଗୀତାରେ ଲେଖିଛନ୍ତି:

*"ବାଇଶି ପାବଛେ ବୀର, ରହସ୍ୟ ସ୍ଥଳ ନାମତାର।*
*ଏହାଯେ ବାଇଶି ପାବଛ, ଅଠର କୋଟି ଶିବ ଲୋକ।*
*ରହିଅଛନ୍ତି ପୃଷ୍ଠ ଭାଗେ, ତାଙ୍କୁ କହିବି ତୋର ଆଗେ॥"*

ଏହା ଏକ ପବିତ୍ର ସ୍ଥାନ ନିଶ୍ଚୟ କାରଣ ଏହାରି ଉପର ଦେଇ ଜୀଉମାନଙ୍କର ଶ୍ରୀଗୁଣ୍ଡିଚା ଓ ବାହୁଡ଼ାଯାତ୍ରାର ପହଣ୍ଡି ବେଳେ ପଦସ୍ପର୍ଶ ହୁଏ। ଏହି ସମୟରେ ଏହାର ଉପରେ ଉପସ୍ଥିତ ହୋଇ ସର୍ବ ଦେବାଦେବୀମାନେ ଏ ଦୃଶ୍ୟ ଅବଲୋକନ କରନ୍ତି। ପୁନଶ୍ଚ ଏହାର ଚତୁଃପାର୍ଶ୍ୱରେ ବହୁ ଦେବଦେବୀମାନଙ୍କର ବିଜେ ହୋଇଛି। ମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲାବେଳେ ୩ୟ ପାହାଚର ବାମପଟେ ବିଜେ କରିଛନ୍ତି ଶ୍ରୀ କାଶୀବିଶ୍ୱନାଥ। କାହାଣୀ କୁହେ ଏକଦା ଏକ ବୃଦ୍ଧା କୁମ୍ଭାରୁଣୀ କାଶୀ ଯାଇ ଗଙ୍ଗାସ୍ନାନ କରି କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବାକୁ ଅଭିଳାଷ ପୋଷଣ କରନ୍ତେ ଶ୍ରୀ ଜଗନ୍ନାଥ ତାଙ୍କୁ ସ୍ୱପ୍ନରେ କହିଲେ ଯେ ସେ ସେହି ବାଇଶି ପାହାଚର ୩ୟ ପାହାଚରେ ଆସନ୍ତାକାଲି ଉପବେଶନ ଥିବା ସନ୍ନ୍ୟାସୀଙ୍କ ଠାରୁ ପ୍ରସାଦ ପାଉ। ସେଠି ଥିବା କାଶୀ ବିଶ୍ୱନାଥ ଚରଣାମୃତ ପାଉ। ତାର ଗଙ୍ଗାଯିବା ଦରକାର ନାହିଁ। ଗଙ୍ଗାତ ବିଷ୍ଣୁଙ୍କ ଚରଣରୁ ସୃଷ୍ଟି। ସେ ଏଇଠି ଅଛନ୍ତି। ଶ୍ରୀ ଜଗନ୍ନାଥ ବ୍ରାହ୍ମଣ ସନ୍ୟାସ ବେଶରେ ସେଠି ତା' ପରଦିନ ଉପସ୍ଥିତ ଥିଲେ। ସେ ବୃଦ୍ଧା ତାଙ୍କୁ ଦର୍ଶନ କଲା ଓ ତାଙ୍କଠୁ ପ୍ରସାଦପାଇ ଗଙ୍ଗାସ୍ନାନ ଓ କାଶୀ ବିଶ୍ୱନାଥଙ୍କର ଦର୍ଶନର ଫଳ ପାଇଲା। ଶାସ୍ତ୍ରମତେ : ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ।

ଦ୍ୱିତୀୟ କାରଣଟି ହେଲା ଶ୍ରୀ କାଶୀବିଶ୍ୱନାଥ କାଶୀର ରାଜା ତ୍ରିବିକ୍ରମଦେବଙ୍କୁ ବର ଦେଇଥିବାରୁ ସେ ନିଜକୁ ବାସୁଦେବ ଶ୍ରୀକୃଷ୍ଣ ବୋଲି ପରିଚିତ କରାଇଥିଲେ। ଏଥିରେ ସ୍ୱଂୟ ଭଗବାନ ଶ୍ରୀକୃଷ୍ଣ କ୍ରୁଧ ହୋଇ ରାଜା ତ୍ରିବିକ୍ରମର ଶିର ସୁଦର୍ଶନ ଚକ୍ର ପଠାଇ ଛେଦନ କରିଥିଲେ ଏବଂ କାଶୀ ବିଶ୍ୱନାଥ ତାକୁ ଏ ବର ଦେଇଥିବାରୁ ତାଙ୍କୁ ଏକ ଅଭିଷାପ ସ୍ୱରୂପ ମନ୍ଦିରର ଭିତର ପ୍ରାଙ୍ଗଣେ ସ୍ଥାନ ନଦେଇ ବାଇଶି ପାହାଚରେ ପାର୍ଶ୍ୱ ଦେବତାଭାବେ ସ୍ଥାନ ଦେଇଥିଲେ। ଶାସ୍ତ୍ରରେ ଲେଖାଅଛି: *"ନୀଳାଚଳେ ରହିବି ମୁଁ ଦାରୁରୂପ ଧରି/ବାଇଶି ପାହାଚ ତଳେ ଆସନ ତୁମ୍ଭରି॥"* ସହଜେ ଶ୍ରୀ ଲୋକନାଥ / ଶ୍ରୀ ବିଶ୍ୱନାଥ ଶ୍ରୀ ଜଗନ୍ନାଥଙ୍କର ଭଣ୍ଡାର ରକ୍ଷକ ହେତୁ ଏବଂ ବାଇଶି ପାହାଚତଳେ ରତ୍ନଭଣ୍ଡାର ରହିଛି ବୋଲି କେଉଁଠି ତାଙ୍କୁ ସ୍ଥାନ ସେଇଠି ରହିଛି। ସେମିତି ରାମ ସୀତାଙ୍କ ଠାରୁ ଆରମ୍ଭକରି ବାଇଶି ପାହାଚ ପାର୍ଶ୍ୱରେ ଯେତେ ଦେବତା ଅଛନ୍ତି, ସମସ୍ତେ କିଛିନା କିଛି କାହାଣୀ ସହିତ ସମ୍ବନ୍ଧିତ।

ଏ ବାଇଶି ପାହାଚର ଦୈର୍ଘ୍ୟ ପ୍ରସ୍ଥ ଏବଂ ଉଚ୍ଚତା ସର୍ବତ୍ର ସମାନ ନୁହେଁ। ଏହାର ସର୍ବାଧିକ ପ୍ରସ୍ଥ ୧୫ଫୁଟ। ଉଚ୍ଚତା ୩ଇଞ୍ଚରୁ ସାତଇଞ୍ଚ ମଧରେ।

ଶ୍ରୀ ଜୀଉମାନଙ୍କ ବ୍ୟତୀତ ବାଇଶିପାବଛ କେତେ କେତେ ଭକ୍ତ, ସାଧୁ, ସନ୍ଥ ଏବଂ ବିଭିନ୍ନ ସମୟରେ ଋଷିମାନଙ୍କ ପଦସ୍ପର୍ଶରେ ପବିତ୍ର। ଏଣୁ କାରଣରୁ ମନ୍ଦିର ପ୍ରବେଶ ବେଳେ ଏହାର ସ୍ପର୍ଶରେ ପାପୀମାନେ ପ୍ରଥମେ ପାପ ରହିତ ହୁଅନ୍ତି। ତାପରେ କରନ୍ତି ଶ୍ରୀ ଜିଉମାନଙ୍କ ଦର୍ଶନ। ଶୁଣାଯାଏ ନିଃସନ୍ତନୀମାନେ ସନ୍ତାନ କାମନାକରି ବାଇଶି ପାହାଚରେ ଯାଚଞ୍ଚା କରିଥାଆନ୍ତି ଏବଂ ସନ୍ତାନ ପ୍ରାପ୍ତି ପରେ ସେ ସନ୍ତାନଙ୍କୁ ବାଇଶ ପାହାଚରେ ତା' ମଙ୍ଗଳମନାସୀ ଗଡ଼ାଇ ଆଣିଥାନ୍ତି। ସେମାନଙ୍କ ବ୍ୟତୀତ ଅନ୍ୟମାନେ ସନ୍ତାନଙ୍କ ଶୁଭ ମନାସୀ ତାହାହିଁ କରିଥାଆନ୍ତି।

ଏକଥା ପୂର୍ବରୁ କହିଛୁ ଯେ ବାଇଶି ପାବଛରେ ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଏବଂ ଅଷ୍ଟବୈକୁଣ୍ଠ ଅଛି। ଏଠାରେ ପିତୃଲୋକ ଥିବା କାରଣରୁ ଏ ବାଇଶି ପାହାଚରେ ପିଣ୍ଡଦାନ, ଅନ୍ନଦାନ ଓ ବସ୍ତ୍ରଦାନ ଇତ୍ୟାଦି ପିତୃପୁରୁଷଙ୍କୁ ଦେଲେ ସେମାନେ ଏହା ପାଆନ୍ତି। ଶ୍ରାଦ୍ଧ ଦେଉଥିବା କର୍ତ୍ତାର ବି ମହାପୂଣ୍ୟ ହୁଏ। ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କାରଣରୁ ଶ୍ରାଦ୍ଧ ଏବଂ ତୃପ୍ତିଦାନ କରୁଥିବାରୁ ତର୍ପଣ କୁହାଯାଏ।

ହିନ୍ଦୁମାନଙ୍କର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାରେ ଶ୍ରାଦ୍ଧ ଏକ ବୈଦିକ କର୍ମ। ଏହା ଏକ ବୈଦିକକର୍ମ ବୋଲି ସ୍ୱୀକାର କରି ଗୋପବନ୍ଧୁ ଦାସ ଲେଖିଛନ୍ତି :

*"ଆସୁଅଛି ପିତୃପକ୍ଷ କରୁଛି ତର୍ପଣ*
*ମନ୍ତ୍ରପାଠ ତଳେଦଳେ କରେ ସମର୍ପଣ*
*ପିତୃ ପିତାମହଗଣ ବୈଦିକ ବିଧାନେ*
*ଦେବଗଣେ, ଋଷିଗଣେ ପୂଜେ ଜଳଦାନେ।"*

ବେଦମତେ ପିତା-ମାତା ଏବଂ ପିତୃପୁରୁଷଗଣ ହେଉଛି ପ୍ରକୃତ ଦେବଦେବୀ। ଏଣୁ ଇହଲୋକରେ ତାଙ୍କୁ ସେବା ଓ ଶ୍ରଦ୍ଧା ଦ୍ୱାରା ଶାନ୍ତି ଓ ପରଲୋକାଗତ ହେଲେ ତାଙ୍କ ତୃପ୍ତି ଓ ମୋକ୍ଷପାଇଁ ସନ୍ତାନମାନେ ଶ୍ରାଦ୍ଧ-ତର୍ପଣ-ପିଣ୍ଡଦାନ ଇତ୍ୟାଦି କର୍ମ କରିବା ଉଚିତ୍।

ଶ୍ରାଦ୍ଧ ଦିଆଯାଏ କାହାକୁ? ସ୍ମୃତି ସଂହିତାନୁସାରେ ସାଧାରଣତଃ ଶ୍ରାଦ୍ଧ ସ୍ୱର୍ଗତ ପିତା-ମାତାଙ୍କ ଉଦ୍ଦେଶ୍ୟରେ ଦିଆଯାଏ। ଏ ଶ୍ରାଦ୍ଧ ତିଥିଅନୁଯାୟୀ ଦିନିକିଆ ବା ବର୍ଷିକିଆ ହୋଇପାରେ; କିନ୍ତୁ



ମହାଳୟା ଶ୍ରାଦ୍ଧ ଆଶ୍ୱିନ କୃଷ୍ଣପକ୍ଷ/ପିତୃପକ୍ଷରେ ଯେ କୌଣସି ବ୍ୟକ୍ତି ଯେ କୌଣସି ତିଥିରେ, ତା' ପୁରୁଷର ତିଥି ନକ୍ଷେତ୍ରକୁ ନବିଚାରି, ଯେ କୌଣସି ଦିନରେ ଦେଇଥାଏ। ମହାଳୟା ଶ୍ରାଦ୍ଧ ସାତପୁରୁଷରଶ୍ରାଦ୍ଧ ଦେଇଥାଏ। ତିନି ପିତୃ ପୁରୁଷ : ପିତା, ପିତାମହ ଓ ପ୍ରପିତାମହ ଏବଂ ଅନୁରୂପ ତିନି ମାତୃପୁରୁଷ। ମାତୃ ପୁରୁଷରେ ମଉଳାକୂଳ ସଂପୃକ୍ତ ଥିବାରୁ ମହାଳୟା ଶ୍ରାଦ୍ଧାର ଅନ୍ୟନାମ ମଉଳା ଶ୍ରାଦ୍ଧ ଏବଂ ମହାଳୟା। ଅମାବାସ୍ୟାର ନାମ ମଉଳା ଅମାବାସ୍ୟା। ଏ ଛ' ପୁରୁଷ ବାଦେ ଆଉ ଏକ ଲୁପ୍ତ ପୁରୁଷଙ୍କୁ ଦିଆଯାଏ। ସେ ହେଉଛନ୍ତି ସେହି ସ୍ୱର୍ଗତ ବ୍ୟକ୍ତି ଯାହାକୁ ଶ୍ରାଦ୍ଧ ଦେବାପାଇଁ କେହି ନଥାଏ। ଇଏ କୌଣସି ବଂଶୀୟ, ସଂପର୍କିତ ବା ପରିଚିତ ବା ଅପରିଚିତ ବ୍ୟକ୍ତି ହୋଇ ଥାଇପାରନ୍ତି। ଏତଦ୍ ଭିନ୍ନ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ ଓ ଛନ୍ଦ ଇତ୍ୟାଦିଙ୍କୁ ଶ୍ରାଦ୍ଧ ଦିଆଯାଏ। ଶ୍ରାଦ୍ଧରେ ଜଳ, ତିଳ ଓ ପିଣ୍ଡଦାନ କରାଯାଏ। ଏହାକୁ ପ୍ରାପ୍ତ ହେଲେ ପରାଗତ ଆତ୍ମା ମୁକ୍ତିଲାଭ କରିଥାଆନ୍ତି।

ମୃତ୍ୟୁ ତିଥିରେ ପରାଗତ ଆତ୍ମାମାନେ ପିଣ୍ଡପାଇଁ ଅପେକ୍ଷା କରିଥାଆନ୍ତି। ଯଦି ସେଦିନ ଉପଯୁକ୍ତ ସମୟରେ ସେମାନଙ୍କୁ ଶ୍ରାଦ୍ଧ ଦିଆନଗଲା, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଏବେ ପ୍ରଶ୍ନ: ସେ ପିଣ୍ଡରେ କ'ଣ ବଢ଼ାଯାଏ? ସାଧାରଣ ପିଣ୍ଡରେ ମହାପ୍ରସାଦ ପାକନ୍ନ ଅଥବା ଅମାନ୍ନ କିମ୍ବା ଜୀବିତାବସ୍ଥାରେ ତା'ର ଯାହା ମୁଖ୍ୟଖାଦ୍ୟ ଥିଲା। ଏସବୁର ଅଭାବରେ, ବ୍ୟତିକ୍ରମରେ ଅଥବା ପୁରୋହିତଙ୍କ ମତେ ତଣ୍ଡୁଳ, ନାରୀକେଳ, କଦଳୀ ବା ଦହି ଇତ୍ୟାଦିର ଚକଟା କିମ୍ବା ସେହିକ୍ରମେ ଦଳା ଅଟା ଦିଆଯାଇପାରେ ।

ଏବେ ପ୍ରଶ୍ନ: ଶ୍ରାଦ୍ଧ ଦେବାରେ ପ୍ରକୃତ ସ୍ଥାନ କିଏ? ଏହା ନିଶ୍ଚିତ ସତ୍ୟ ଯେ ପ୍ରଥମ ସ୍ଥାନ ହେଉଛି ଜନ୍ମସ୍ଥାନ ମୃତ୍ୟୁବଳର ତା'ର ବାସସ୍ଥାନ ବିଚାରକୁ ନିଆଯାଇପାରେ। ଦ୍ୱିତୀୟତଃ ଏହା ନଦୀତଟ, ପୁଷ୍କରିଣୀ ବା ସମୁଦ୍ରକୂଳ ହୋଇପାରେ। ତୃତୀୟତଃ ଏହା କୌଣସି ତୁଳସୀ ମୂଳେ ହୋଇପାରେ। ଅର୍ଥାତ୍ ଯେଉଁ ଜଳକୁ ତୀର୍ଥ ଜଳ ରୂପେ ଗ୍ରହଣ କରାଯାଇପାରେ। ସେହି ସ୍ଥାନରେ ଶ୍ରାଦ୍ଧ ତର୍ପଣ କରିବା ବିଧେୟ। ପିତୃତିଥି ଶ୍ରାଦ୍ଧ ଏସବୁ ସ୍ଥାନରେ କରାଯାଇପାରେ। କିନ୍ତୁ କୌଣସି ଅଦିନରେ ତିଥି ଶ୍ରାଦ୍ଧ ଏସବୁ ସ୍ଥାନରେ କରାଯାଏ ନାହିଁ। ସେଥିପାଇଁ କେତେକ ନିର୍ଦ୍ଦିଷ୍ଟ ଗ୍ରହଣୀୟ ତୀର୍ଥସ୍ଥାନ ଅଛି ଯେଉଁଠି ଯେ କୌଣସି ଶ୍ରାଦ୍ଧ, ଯେ କୌଣସି ଦିନ ତିଥିବାର ନକ୍ଷତ୍ର ବିନା କରାଯାଇପାରେ। ଯାହା ମଧରେ କାଶୀ ବା ଗୟା, ତ୍ରିବେଣୀ ଘାଟ ଇତ୍ୟାଦି ବିଚାରକୁ ନିଆଯାଇପାରେ। ମହାଳୟ ଶ୍ରାଦ୍ଧ ବା ପିତୃପକ୍ଷ ଶ୍ରାଦ୍ଧ ଘରେ ବା ବାହାରେ ଯେ କୌଣସି ସ୍ଥାନରେ କରଯାଇପାରେ। ମହାଳୟା ଶ୍ରାଦ୍ଧ ହିଁ କେବଳ ତର୍ପଣ ଶ୍ରାଦ୍ଧ। ଏହା କେବଳ ଆଶ୍ୱିନକୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ଯାଏ ଚାଲେ। ଏହି ଶ୍ରାଦ୍ଧମାଧ୍ୟମରେ ଆମେ ପିତୃପିରୁଷଙ୍କୁ ଏ ମୃତ୍ୟୁଲୋକୁ ଆହ୍ୱାନ କରୁ ଏବଂ ଏହାର ଠିକ୍ ମାସକ ପରେ କାର୍ତ୍ତିକ ଅମାବାସ୍ୟା ଦିପାବଳୀ ପିମ୍ପେଇ ଅମାବାସ୍ୟା ଅବସରେ ଦୀପଜଳାଇ ବିଦାୟ ଦେଇ କହୁ: ବଡ଼ବଡ଼ିଆ ହେ ସ୍ୱର୍ଗେ ଯା.... ଏହା ପୁଣି ଏକ ଶ୍ରାଦ୍ଧ ମାଧ୍ୟମରେ ଯାହାକୁ ଆମେ କହୁ ପୟାଶ୍ରାଦ୍ଧ।

ଶ୍ରାଦ୍ଧ ଦେବା କାର୍ଯ୍ୟଟି ସାଧାରଣତଃ ଜ୍ୟେଷ୍ଠ ପୁତ୍ର ଦ୍ୱାରା ସମାହିତ ହୋଇଥାଏ। ତାଙ୍କ ଅନ୍ତେ ତାଙ୍କ ପରବର୍ତ୍ତୀ ଭାଇ ଅଥବା ଶାସ୍ତ୍ର ସ୍ୱୀକୃତି ପ୍ରାପ୍ତ ଆଉ କେହି ଦେଇଥାଆନ୍ତି। ତେବେ ତାଙ୍କ ସହଧର୍ମଣୀ ସହଯୋଗ କରିବା ଶାସ୍ତ୍ର ସମ୍ମତ। ଏମିତିକି ସ୍ୱାମୀଙ୍କ ଅନୁପସ୍ଥିତିରେ ପିଣ୍ଡଦାନର ପ୍ରମାଣ ଅଛି ଯଥା - ସୀତା। ବାଇଶି ପାହାଚ ପିଣ୍ଡଦାନ ସ୍ଥାନ ଦୃଷ୍ଟିରୁ ଏକ ଠିକ୍ ସ୍ଥାନ ନୁହେଁ। ତେବେ କାହିଁକି ବା କେବଠୁ ଏଠାରେ ପିଣ୍ଡଦାନ ହୋଇ ଆସୁଛି ଏହାହିଁ ବିଚାର୍ଯ୍ୟ। କିମ୍ବଦନ୍ତୀ ଅନୁସାରେ ରାଜା ଦର୍ପନାରାୟଣ ଶ୍ରୀ ଜଗନ୍ନାଥଙ୍କ ପ୍ରତ୍ୟହ ଦର୍ଶନ କରିବା ସହିତ ପିତୃପୁରୁଷଙ୍କୁ ଏଇଠି ଶ୍ରାଦ୍ଧ ଦେଉଥିଲେ। ଶ୍ରୀ ଜଗନ୍ନାଥ ତାଙ୍କର ଏପରି କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ ବ୍ରାହ୍ମଣ ବେଶରେ ଦେଖାଦେଇ ଆଶୀର୍ବାଦ ଦେଇଥିଲେ। ସେବେଠୁ ତାହାଙ୍କୁ ଅନୁକରଣ କରି ଏଠାରେ ଅନ୍ୟମାନେ ପିତୃପୁରୁଷଙ୍କ ଶ୍ରାଦ୍ଧ ବାଢ଼ନ୍ତି। ତେବେ ଏହା ସହିତ ମୁଖ୍ୟ କାରଣଟି ଏହି ଯେ ବାଇଶି ପାହାଚହିଁ ପିତୃପୁରୁଷଙ୍କ ଉପସ୍ଥିତିର ଏକ ମୁଖ୍ୟସ୍ଥାନ ଯେଉଁଠି ଶ୍ରାଦ୍ଧ ବାଢ଼ିଲେ ସେମାନେ ପାଇବେ। ଶ୍ରାଦ୍ଧ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ, ମହତ୍ତ୍ୱପୂର୍ଣ୍ଣ ଏବଂ ଶ୍ରେଷ୍ଠତମ ପବିତ୍ର ସ୍ଥାନ। ଏଇଠି ବିଦ୍ୟମାନ ପିତୃଲୋକ ସହ ସବୁଲୋକ ବାବା ଧାମ। ଏଠି ସର୍ବ ଦେବାଦେବୀ ଉପସ୍ଥିତ। ଏଇଠି ରହିଛି ପିଣ୍ଡଦାନକୁ ଶ୍ରେଷ୍ଠ ଦେୟ ମହାପ୍ରସାଦ, ଗଙ୍ଗାଧାରର ଶ୍ରେଷ୍ଠଜଳ ଶ୍ରୀ କାଶୀ ବିଶ୍ୱନାଥ ଏବଂ ଚରଣାମୃତ, ଏଇଠି ହୁଏ ପୟାଶ୍ରାଦ୍ଧ ଓ ମାର୍ଗଶୀର ମାସର ଅମାବାସ୍ୟା ଶ୍ରାଦ୍ଧ ଯାହା ସବୁ ପିତୃପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ପୁରୀ ହିଁ ତୀର୍ଥରାଜ। ଏହାର ପୁଷ୍କରିଣୀ, ସମୁଦ୍ର ଓ ବାଇଶି ପାବଛ ସମସ୍ତେ ତୀର୍ଥ କ୍ଷେତ୍ର। ଏହି କାରଣରୁ ଶ୍ରଦ୍ଧାଳୁମାନେ ପୁରୀ ଆସି ପ୍ରଥମେ ସମୁଦ୍ର ବା ପୁଷ୍କରିଣୀରେ ବୁଡ଼ ବା ସ୍ନାନସାରି ବାଇଶି ପାହାଚରେ ପକାନ୍ତି ଶ୍ରାଦ୍ଧ। ତା'ପରେ କରନ୍ତି ଶ୍ରୀ ଜୀଉମାନଙ୍କ ଦର୍ଶନ। ପିତୃପକ୍ଷରେ ପିତୃପୁରୁଷଗଣ ବାଇଶି ପାହାଚରେ ଉପସ୍ଥିତି ଥିବାରୁ ସେହିଦିନଗୁଡ଼ିକରେ ଏଠି ଶ୍ରାଦ୍ଧଦେବା ସବୁଠୁ ଉତ୍ତମ। ବିଶେଷକରି ମହାଳୟା ଦିବସ ସବୁଠୁ ସର୍ବୋତ୍ତମ।

ଶ୍ରାଦ୍ଧ ପରେ ବ୍ରାହ୍ମଣ, ଦୁଃଖୀ ବା ରଙ୍କିଙ୍କୁ ଭୋଜନ ଦାନ ଓ ଦକ୍ଷିଣା ନିଶ୍ଚିତ। ବିଶ୍ୱାସ ଯେ ଯେମନ୍ତ ଦେଇ, ତେମନ୍ତ ପାଇ। ଆମେ ମହାଭାରତରୁ ଜାଣିଛେ ଯେ କର୍ଣ୍ଣଥିଲେ ମହାଦାନୀ। ସେ ପ୍ରତ୍ୟହ ଗରିବ ବା ଅଭାବୀଙ୍କୁ ସ୍ୱର୍ଣ୍ଣ ଦାନ କରୁଥିଲେ। କିନ୍ତୁ ମୁଠାଏ ଅନ୍ନ କାହାକୁ ଦେଇ ନଥିଲେ। ଏଣୁ ଯେତେବେଳେ ତାଙ୍କର ସ୍ୱର୍ଗବାସ କଲା। ସେଠି ଆଉ ତାଙ୍କୁ କୁଢ଼ କୁଢ଼ ସୁବର୍ଣ୍ଣ ମିଳିଲା। ହେଲେ ମୁଠାଏ ଅନ୍ନ ନାହିଁ। ସେଥିପାଇଁ ସେ ୧୪ଦିନ ପାଇଁ ମର୍ତ୍ତ୍ୟଲୋକକୁ ଆସି ଅନ୍ନଦାନ କରି ଫେରିଲେ। ଏହାଥିଲା ଆଶ୍ୱିନ ପ୍ରତିପଦାଠାରୁ ଆଶ୍ୱିନ ଆମାବାସ୍ୟା ଯାଏଁ। କେହିକେହି ଏହାକୁ ସେହି କାରଣରୁ ପିତୃପକ୍ଷ କୁହନ୍ତି। ଏଥିରୁ ଆମେ ନିଶ୍ଚିତ ଯେ କର୍ଣ୍ଣଙ୍କ ମୃତ୍ୟୁ ପରଠୁ ପିତୃପକ୍ଷ ପାଳିତ ହେଉଅଛି।

ପିତା-ମାତା ପ୍ରତିଟି ବ୍ୟକ୍ତିପାଇଁ ସ୍ରଷ୍ଟା ଓ ସୃଷ୍ଟି କର୍ତ୍ତା ଏବଂ ସେମାନଙ୍କ ବିନା ଆମ କଳ୍ପନା ଏବଂ ଏ ପୃଥିବୀରେ ଆମ ସ୍ଥିତି ନିହାତି ଅସମ୍ଭବ ଅଟେ। ତାଙ୍କ ଜୀବଦଶାରେ ସେ ଆମ ଜୀଅନ୍ତା ଦିଅଁ ଯାହାଙ୍କ ସେବା, ଯତ୍ନ ଓ ନିଃସ୍ୱାର୍ଥପର ଦାନରେ ଆମେ ଏଠି ତିଷ୍ଠିଛେ। ମାତାତ ଜନ୍ମଦାତ୍ରୀ, ପାଳନକର୍ତ୍ତା, ସର୍ବସଂହା ଧରିତ୍ରୀ, କଲ୍ୟାଣମୟୀ, ମମତାମୟୀ, ଶୁଭ୍ରଦାୟିନୀ ମା', ସ୍ୱର୍ଗାଦପୀ ଗରିୟସୀ; ପିତାତ କରୁଣାର ଅବତାର, ବାକ୍ୟାତୀତ, ଭାଷାତୀତ, ଆକାଶଠାରୁ ମହାନ୍। ଆମେ ତାଙ୍କ ଋଣ ଶୁଝିବାରେ ନିହାତି ଅଧମ ଅକ୍ଷମ ଏବଂ ଅକିଞ୍ଚନ। ତଥାପି କିଛି କରିନପାରିଲେ ବି ତାଙ୍କ ପ୍ରତି ଅନୁରାଗ, ଅନୁରକ୍ତି, ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କ'ଣ ଏତିକି ପାରିବାନାହିଁ? ତାଙ୍କ ଅନ୍ତେ ତାଙ୍କ ମୋକ୍ଷପାଇଁ କରିପାରିବା ନାହିଁ ଶ୍ରାଦ୍ଧ-ତର୍ପଣ? ତାଙ୍କ ତୃପ୍ତିରେ ବାଢ଼ିପାରିବା ନାହିଁ ମୁଠାଏ ପିଣ୍ଡ?? ବୋଧହୁଏ ଏତିକି କଲେ ଦେବତାମାନେ ଆମଠି ଖୁସି ହୋଇପାରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି :

*"ଜନନୀ ଜନ୍ମ ଭୂମିଷ୍ଟ, ସ୍ୱର୍ଗାଦପୀ ଗରିୟସୀ...*
*ପିତା ଧର୍ମ ପିତା ସ୍ୱର୍ଗ ପିତାହି ପରମତପଃ*
*ପିତରି ପ୍ରୀତିମାର୍ଣ୍ଣେ ପ୍ରିୟନ୍ତେ ସର୍ବଦେବତା॥"*

——**ବିପିନବିହାରୀ ମହାନ୍ତି**, ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୧୬**

# ପୂଜା ଚନ୍ଦନ



ଗଙ୍ଗାଧର ସାମଲ

ପୂଜା ସମୟରେ ଚନ୍ଦନ ଏକ ଅପରିହାର୍ଯ୍ୟ ବସ୍ତୁ । ଏହାକୁ ଭଗବାନଙ୍କ ଶୃଙ୍ଗାରର ମୁଖ୍ୟ ବସ୍ତୁ ବୋଲି କୁହାଯାଇଥାଏ । ଭଗବାନଙ୍କ ପୂଜାର ସମସ୍ତ ନୀତିରେ ଚନ୍ଦନର ବ୍ୟବହାର ହୋଇଥାଏ । ସାଧାରଣତଃ ଶୀତଳତା ପ୍ରଦାନ କରିବା ପାଇଁ ଚନ୍ଦନର ବ୍ୟବହାର କରାଯାଇଥାଏ । ଏହାର ସୁଗନ୍ଧ ବ୍ୟକ୍ତିକୁ ଆଧ୍ୟାତ୍ମିକତା ଆଡ଼କୁ ଆକର୍ଷିତ କରେ ବୋଲି ମଧ୍ୟ ବିଶ୍ୱାସ କରାଯାଏ । କେବଳ ସେତିକି ନୁହେଁ ଏହା ବ୍ୟକ୍ତିକୁ ସଜାଗ ରଖିଥାଏ ଓ ବ୍ୟକ୍ତିର ଇଚ୍ଛାକୁ ନିୟନ୍ତ୍ରଣ କରିଥାଏ । ଭଗବାନଙ୍କ ନିକଟରେ ଲାଗି ହୋଇଥିବା ଚନ୍ଦନକୁ ଭକ୍ତମାନେ ମଥାରେ ତିଳକ ଭାବେ ଲଗାଇଥାଆନ୍ତି । ଏହାକୁ ଭଗବାନଙ୍କ ଆଶୀର୍ବାଦର ମାନ୍ୟତା ଦିଆଯାଇଛି । ଭଗବାନଙ୍କୁ ଅର୍ପଣ କରାଯାଉଥିବା ଚନ୍ଦନ ଲେପକୁ ପୂଜକମାନେ ପବିତ୍ରତାର ସହ ତିଆରି କରିଥାଆନ୍ତି । କେବଳ ହିନ୍ଦୁ ଧର୍ମ ନୁହେଁ ବୌଦ୍ଧ ଧର୍ମ, ଜୋରାଷ୍ଟ୍ରୀୟ ଧର୍ମ ଇତ୍ୟାଦି ମଧ୍ୟ ଚନ୍ଦନକୁ ପୂଜା କାର୍ଯ୍ୟରେ ବିନିଯୋଗ କରିଥାଆନ୍ତି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୬୬୪୭*

# ବକ୍ସି ଜଗବନ୍ଧୁ



ବାଦଲ ଭୂୟାଁ

ପାଇକ ବିଦ୍ରୋହର କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର । ସିପାହୀ ବିଦ୍ରୋହର ଚାରି ଦଶନ୍ଧି ପୂର୍ବରୁ ୧୮୧୭ରେ ଘୁମୁସରର କନ୍ଧମାନଙ୍କ ଦ୍ୱାରା ଏହି ବିଦ୍ରୋହ ଆରମ୍ଭ ହୋଇଥିଲା । ଫିରିଙ୍ଗି ଶାସନ ବିରୋଧରେ ପାଇକ ବିଦ୍ରୋହର ମଙ୍ଗ ଧରିଥିଲେ ଏହି କ୍ରାନ୍ତିବୀର । ବକ୍ସି ଜଗବନ୍ଧୁଙ୍କ ଜୀବନକାଳ ଏ ପର୍ଯ୍ୟନ୍ତ ଅଜଣା ହୋଇରହିଛି । ୧୭୮୦ରୁ ୧୮୨୯ ମଧ୍ୟରେ ତାଙ୍କ ଜୀବନକାଳ ସୀମାବଦ୍ଧ ବୋଲି କେତେକ ଐତିହାସିକ ମତ ଦିଅନ୍ତି । କନ୍ଧମାନେ ସଂଗଠିତ ହୋଇ ବାଣପୁର ପର୍ଯ୍ୟନ୍ତ ଆସି ବ୍ରିଟିଶ ସଂପତ୍ତି ଲୁଣ୍ଠନ କରିବା ପରେ ପରେ ଖୋର୍ଦ୍ଧାର ପାଇକମାନେ ସେମାନଙ୍କ ସହ ଯୋଗଦେଇଥିଲେ । ପରିଣାମ ସ୍ୱରୂପ ବିଦ୍ରୋହ ବ୍ୟାପିଥିଲା । ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗର ଅଧିବାସୀ ବକ୍ସି ଜଗବନ୍ଧୁ ବଂଶାନୁକ୍ରମେ ଖୋର୍ଦ୍ଧା ରାଜାଙ୍କ ସେନାପତି ଥିଲେ । ଘୁମୁସର, ଶେରଗଡ଼ ଓ ବଡ଼ମ୍ବା ରାଜ ପରିବାରମାନଙ୍କ ସହ ତାଙ୍କର ପାରିବାରିକ ସଂପର୍କ ଥିଲା । ସେ ଥିଲେ ବିଶାଳ ଶରୀରର ଅଧିକାରୀ । ବେଶ ସୁସ୍ଥ ସବଳ ଓ ଶକ୍ତିଶାଳୀ ମଣିଷ । ଖୋର୍ଦ୍ଧାର କୌଣସି ଏକ ମନ୍ଦିରରେ ପଡ଼ି ରହିଥିବା ବିରାଟ ପଥର ଖଣ୍ଡକୁ ସେ ଉଠାଇ ପାରୁଥିଲେ । ରୋଡ଼ଙ୍ଗ ଜମିଦାରୀରୁ ତାଙ୍କୁ ଉଚ୍ଛେଦ କରିବା ଲାଗି ଷଡ଼ଯନ୍ତ୍ର ହେବାରୁ ଇଂରେଜ ବିରୋଧୀ ହୋଇଥିଲେ । ବିଦେଶୀଙ୍କୁ ତଡ଼ିବା ପାଇଁ ସେ ପାଇକମାନଙ୍କୁ ଏକତ୍ର କରିଥିଲେ । ବକ୍ସିଙ୍କ ନେତୃତ୍ୱରେ ପାଇକମାନେ ପୁରୀ ଦଖଲ କରିବାରେ ସଫଳ ହୋଇଥିଲେ । ପୁରୀର ଗଜପତି ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧା ସିଂହାସନରେ ବସାଇବା ଥିଲା ତାଙ୍କର ଲକ୍ଷ୍ୟ । ତେବେ ରାଜା ରାଜି ନ ହେବାରୁ ବକ୍ସି ହତାଶ ହୋଇଥିଲେ । ଇଂରେଜମାନେ ଏକ ବର୍ଷ ମଧ୍ୟରେ ପାଇକ ବିଦ୍ରୋହକୁ ଦମନ କରିବାରେ ସଫଳ ହୋଇଥିଲେ ହେଁ ବକ୍ସିଙ୍କୁ ଛୁଇଁପାରି ନଥିଲେ । ତାଙ୍କର ପତ୍ନୀ, ପୁତ୍ର ଆଦିଙ୍କୁ ବନ୍ଦୀ କରାଯାଇଥିଲା । ଏହା ସତ୍ତ୍ୱେ ସେ ଆତ୍ମସମର୍ପଣ କରିନଥିଲେ । ଇଂରେଜମାନେ ଉପାୟହୀନ ହୋଇ ତାଙ୍କ ପରିବାରର ସଦସ୍ୟମାନଙ୍କୁ ମୁକ୍ତ କରିଥିଲେ । ବକ୍ସି ବଣ-ଜଙ୍ଗଲରେ ଲୁଚିରହି ୧୮୨୪ ପର୍ଯ୍ୟନ୍ତ ଇଂରେଜମାନଙ୍କର ମୁକାବିଲା କରିଥିଲେ । ଶେଷରେ ନୟାଗଡ଼ ରାଜାଙ୍କ ପରାମର୍ଶକ୍ରମେ ଆତ୍ମସମର୍ପଣ କରିଥିଲେ । ତାଙ୍କୁ କଟକରେ ନଜରବନ୍ଦୀ ରଖାଯାଇଥିଲା । ପ୍ରାୟ ତିନିବର୍ଷ ଆଠ ମାସ ନଜରବନ୍ଦୀ ରହିବା ପରେ ୧୮୨୯ ଜାନୁଆରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,*

# ଦୈନିକ ଆହାର ଖାଉଛନ୍ତି ୧ଲକ୍ଷ, ତାହା ବି ନିଅଣ୍ଟ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ରାଜ୍ୟରେ ପ୍ରତିଦିନ ୧ ଲକ୍ଷ ଲୋକ ୫ଟଙ୍କାର ଆହାର ଖାଦ୍ୟ ଖାଉଛନ୍ତି । କିନ୍ତୁ ତାହା ବି ନିଅଣ୍ଟ ପଡୁଛି । ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଭୁବନେଶ୍ୱରରେ ଏମସରେ ଆଉ ଏକ କେନ୍ଦ୍ର ଖୋଲାଯିବାର ନିଷ୍ପତ୍ତି ହୋଇଛି । ବିଭିନ୍ନ ଜିଲ୍ଲାଗୁଡ଼ିକ ଆହାର କେନ୍ଦ୍ର ସଂଖ୍ୟା ବଢ଼ାଇବା ପାଇଁ ମଧ୍ୟ ପ୍ରସ୍ତାବ ବିଭିନ୍ନ ସ୍ଥାନରୁ ଆସୁଛି । ସରକାର ସୁଲଭ ମୂଲ୍ୟରେ ଅଭାବୀ ଲୋକମାନଙ୍କୁ ଏହି ଆହାର ବ୍ୟବସ୍ଥା କରୁଛନ୍ତି ଯାହା ଯଦିଓ ଯଥେଷ୍ଟ ହେଉନାହିଁ ।

ଅନେକ ସ୍ଥାନରେ ଦେଖାଯାଏ ଶ୍ରମିକମାନେ ଖାଇବା ସମୟକୁ ଆସିବା ବେଳକୁ ଖାଇବା ସରିଯାଉଛି । ଏହି ଲେଖକ ନିକଟରେ ଏକ ସତ୍ୟନିଷ୍ଠ ଘଟଣାକୁ ସାମ୍ନା କରିଥିଲା । ରାଜଧାନୀରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ତ୍ରିଲୋଚନ ଗଡ଼ିଆ ଝାଳନାଳ ହୋଇ ମଧ୍ୟାହ୍ନ ୧ଟା ବେଳକୁ ନୂଆପଲ୍ଲୀସ୍ଥିତ ଆହାର କେନ୍ଦ୍ରକୁ ଆସିବା ବେଳକୁ ଖାଦ୍ୟ ସରି ଯାଇଥିଲା ଏବଂ କେନ୍ଦ୍ର ମଧ୍ୟ ବନ୍ଦ ହେବାକୁ ବସିଥିଲା । ଏଠାରେ ପ୍ରତିଦିନ ୪୫୦ ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ହୋଇଥାଏ । ତାହା ୧୧ଟାରୁ ଆରମ୍ଭ ହୋଇ ୧୨ଟା ବେଳକୁ ସରିଯାଉଥିବା କହିଛନ୍ତି ଏଠାରେ କାର୍ଯ୍ୟରତ କର୍ମଚାରୀ । ଅପରପକ୍ଷରେ ଏମସକୁ ପ୍ରତିଦିନ ୧୦ ହଜାର ରୋଗୀ ରାଜ୍ୟ ତଥା ରାଜ୍ୟ ବାହାରୁ ଆସନ୍ତି । ଏଥିସହିତ ଆହୁରି ଅନେକ ରୋଗୀ ଏଠାରେ ବିଭିନ୍ନ ସ୍ଥାନରେ ରହି ଚିକିତ୍ସିତ ହୁଅନ୍ତି । ସମସ୍ତଙ୍କ ପାଇଁ ରାନ୍ଧି ଖାଇବା କିମ୍ବା ହୋଟେଲରେ ଖାଇବା ସମ୍ଭବ ହୁଏ ନାହିଁ । ଏଠାରେ ଆହାର କେନ୍ଦ୍ର ଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ । ତେବେ ଆହାର କେନ୍ଦ୍ରର କେତେକ ସ୍ଥାନରେ କର୍ମଚାରୀମାନେ ସୁଲଭ ମୂଲ୍ୟର ଖାଦ୍ୟକୁ ସେମାନଙ୍କର ଚିହ୍ନା ପରିଚିତଙ୍କୁ ଯୋଗାଉଛନ୍ତି ଆଉ କେତେକ କ୍ଷେତ୍ରରେ ବିକ୍ରି କରିଦେଉଥିବାର ଅଭିଯୋଗ ମଧ୍ୟ ଉଠୁଛି । ସେହିପରି ବେଳେ ବେଳେ ବଡ଼ ରାଜନୈତିକ ଦଳର କର୍ମୀମାନଙ୍କର କାର୍ଯ୍ୟକ୍ରମ ଥିଲେ ସେମାନେ ଜୋର ଜବରଦସ୍ତ ଆହାର କେନ୍ଦ୍ରରେ ଧସେଇ ପଶି ସେହି ଖାଦ୍ୟ ଖାଉଥିବାର ଅଭିଯୋଗ ଗଣମାଧ୍ୟମରୁ ଦେଖିବାକୁ ମିଳିଥାଏ । ତେବେ ଏ ନେଇ ସରକାରଙ୍କ ବିଧିବଦ୍ଧ ଭାବେ କୌଣସି ଲଗାମ ରହୁନାହିଁ ।

କ୍ୟାପିଟାଲ ହସ୍ପିଟାଲସ୍ଥିତ ଆହାର କେନ୍ଦ୍ର ପ୍ରତିଦିନ ଲମ୍ବା ଧାଡ଼ିରୁ ଏହାର ଆବଶ୍ୟକତା ସ୍ପଷ୍ଟ ହୁଏ । ଭୁବନେଶ୍ୱରରେ ୧୧ଟି କେନ୍ଦ୍ରରେ ପ୍ରତିଦିନ ୬ ହଜାର ଲୋକ ଆହାର ଖାଉଥିବାବେଳେ ସମ୍ବଲପୁର ମହାନଗର ନିଗମର ୫ଟି କେନ୍ଦ୍ର ଜରିଆରେ ୪୬୦୦ ଲୋକ ଖାଇଥାନ୍ତି । କିନ୍ତୁ ଏଠାରେ ମଧ୍ୟ ସମାନ ସ୍ଥିତି । ବୁର୍ଲାରେ ପ୍ରତିଦିନ ୧୮୦୦ ଲୋକ ଖାଉଥିବା ଖାଦ୍ୟ ଏକ ଘଣ୍ଟା ମଧ୍ୟରେ ସରିଯାଏ । ଶିଳ୍ପାଞ୍ଚଳ ହୀରାକୁଦରେ ଅନେକ ସଂଖ୍ୟାରେ ଶ୍ରମିକ ଥିବାରୁ ସେଠାରେ ନୂତନ ଆହାର କେନ୍ଦ୍ର ଖୋଲିବା ପାଇଁ ଅନେକ ଦିନରୁ ଦାବି ହେଉଛି । କଟକରେ ୧୧ ଆହାର କେନ୍ଦ୍ରରେ ୭ ହଜାର ଲୋକଙ୍କ ପାଇଁ ଆହାର ବ୍ୟବସ୍ଥା ରହିଛି । ଏଥିରୁ ସର୍ବାଧିକ ଚାହିଦା ଏସସିବିରେ ରହିଛି । ପ୍ରବାସୀ ଶ୍ରମିକ, ରୋଗୀ, ପରିଜନଙ୍କ ସହିତ ବାହାରେ ରହି ପଢୁଥିବା କିମ୍ବା ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କ ପାଇଁ ଆହାରରେ ଆବଶ୍ୟକତା ଅଧିକ । କରୋନା ପରେ ଲୋକଙ୍କ ଆର୍ଥିକ ସ୍ଥିତି ଗୁରୁତର ପ୍ରଭାବିତ ହେବା ଏବଂ ରୋଜଗାର ଅନ୍ୱେଷଣରେ ସହରକୁ ଅଧିକ ସଂଖ୍ୟାରେ ଶ୍ରମିକ ଆସୁଥିବାରୁ ଆହାର ଚାହିଦା ବଢ଼ିବାରେ ଲାଗିଛି । ରନ୍ଧନ ଗୃହର ସଫେଇ ପାଇଁ ରବିବାର ଆହାର କେନ୍ଦ୍ର ବନ୍ଦ କରାଯାଏ । ବିକଳ୍ପ ବ୍ୟବସ୍ଥା କରି ରବିବାର ମଧ୍ୟ ଆହାର କେନ୍ଦ୍ର ଖୋଲିବା ପାଇଁ ବିଭିନ୍ନ ସ୍ଥାନରୁ ଦାବି କରାଯାଉଛି । କେବଳ ଖାଦ୍ୟ ହେବା ଯଥେଷ୍ଟ ନୁହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ପରିଚ୍ଛନ୍ନତା ଗୁରୁତ୍ୱ ଦେଇ ଆହାର କେନ୍ଦ୍ର ମାନଙ୍କରେ ଶୌଚାଳୟ, ଭେଣ୍ଟିଲେଟର, ବାସନ ମାଜିବା ପାଇଁ ଡିସୱାସ ଆଦି ସର୍ବନିମ୍ନ ବ୍ୟବସ୍ଥା ରହିବାକୁ କୁହାଯାଇଛି । ଅନେକ କେନ୍ଦ୍ରରେ ଏହି ସୁବିଧା ନାହିଁ । ଏପରିକି ଖାଦ୍ୟର ଗୁଣାତ୍ମକମାନ ହ୍ରାସ ନ ପାଉ ଏଥିପାଇଁ ଅଧିକାରୀ ମାନଙ୍କୁ ସପ୍ତାହରେ ଥରେ ଆହାର କେନ୍ଦ୍ର ଖାଦ୍ୟ ଖାଇବା ପାଇଁ ନିର୍ଦ୍ଦେଶ ଜାରି ବେଳେ ଅନେକ ଅଧିକାରୀ ଆହାର କେନ୍ଦ୍ରକୁ ଯାଇ ଖାଦ୍ୟ ଖାଇଥିଲେ । ମାତ୍ର ବର୍ତ୍ତମାନ ସ୍ଥିତିରେ ଭୁବନେଶ୍ୱର ସମେତ ରାଜ୍ୟର କେତୋଟି ଜିଲ୍ଲାରେ ଅଧିକାରୀମାନେ ଆହାର ସ୍ୱାଦ ଚାଖୁଛନ୍ତି ତାକୁ ନେଇ ସନ୍ଦେହ ରହିଛି । କିଛି ଦାତବ୍ୟ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତି ବିଶେଷ ଗରିବ ଲୋକମାନଙ୍କୁ ନାରାୟଣ ସେବା ମାଧ୍ୟମରେ ଖାଦ୍ୟ ବଣ୍ଟନ କରୁଥିବାରୁ ଆହାର କେନ୍ଦ୍ର ଉପରୁ ଚାପ ସ୍ୱାଭାବିକ ଭାବେ କମୁଛି । ଏହି ଲେଖକ ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଜଣେ ସକ୍ରିୟ ସେବାଦଳ କର୍ମୀ ହୋଇଥିବାରୁ ସଙ୍ଗଠନ ପକ୍ଷରୁ ନାରାୟଣ ସେବା କାର୍ଯ୍ୟକ୍ରମରେ ନିଜେ ସାମିଲ ହୋଇଛି । ଓଡ଼ିଶା ରାଜ୍ୟ ଆହାର ସୋସାଇଟି ମାଧ୍ୟମରେ ୩୦ ଜିଲ୍ଲା ଏବଂ ୧୧୫ ଅର୍ବାନ ଲୋକାଲ ବଡ଼ିର ୧୬୭ କେନ୍ଦ୍ରରେ ଆହାର ଦିଆଯାଉଛି । ଏଥିପାଇଁ ୪କୋଟି ଟଙ୍କା ଖର୍ଚ୍ଚ ହେଉଛି । ଆହାରରେ ହେଉଥିବା ସମୁଦାୟ ଖର୍ଚ୍ଚ ୨୩ ଟଙ୍କାରୁ ୧୮ ଟଙ୍କା ସରକାର ଏବଂ ୫ଟଙ୍କା ଲୋକେ ବହନ କରନ୍ତି । ଟଙ୍କାର କୌଣସି ଅଭାବ ନାହିଁ । ଜିଲ୍ଲାପାଳମାନେ ନିଜେ ଚାହିଁଲେ ମିଲ ସଂଖ୍ୟା ବଢ଼ାଇ ପାରିବେ ବୋଲି ସୂତ୍ରା କହିଛି । ପୂର୍ବରୁ ମାନ୍ନା ଟ୍ରଷ୍ଟ ଜରିଆରେ ଆହାର ପରିଚାଳିତ ହେଉଥିବାବେଳେ ସେମାନେ ନିଜସ୍ୱ ଗୋଟିଏ ରୋଷେଇ ଗୃହରେ ଖାଦ୍ୟ ପ୍ରସ୍ତୁତ କରି କେନ୍ଦ୍ର ମାନଙ୍କୁ ପଠାଉଥିଲେ । ବର୍ତ୍ତମାନ ଏସଏଚଜି ଗୁଡ଼ିକ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି । ଏହି ବ୍ୟବସ୍ଥାରେ ପ୍ରତ୍ୟେକ କେନ୍ଦ୍ରରେ ନିଜସ୍ୱ ରୋଷେଇ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ହୋଇଛି । ଏଥିପାଇଁ ୩୨ ଲକ୍ଷ ଟଙ୍କା ଦିଆଯାଇଛି । ଯେଉଁ କେନ୍ଦ୍ରଗୁଡ଼ିକରେ ଏହାର ନିର୍ମାଣ କାର୍ଯ୍ୟ ସରି ନାହିଁ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ହୋଇଛି । ଏପରିକି ଆଗାମୀ ଦିନରେ ଭାତ, ଡାଲମା ସହିତ ତରକାରି କିମ୍ବା ଭଜା ସାମିଲ ପାଇଁ ବିଚାର କରାଯାଉଥିବା ନେଇ ସୂଚନା ମିଳିଛି । ତେବେ ଏହା ସତକଥା ରାଜ୍ୟରେ ଆହୁରି ଆହାର କେନ୍ଦ୍ର ଖୋଲା ଯିବାର ଦରକାର ପଡୁଛି ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*

# ସାମୁହିକ ଚେତନା ଓ ଭାରତୀୟ ସମାଜ



ଗୋପାଳ ମହାପାତ୍ର

ଭାରତୀୟ ସମାଜ ରାଜନୈତିକ କେନ୍ଦ୍ରିତ ନୁହେଁ, ଅଧିକତର ଭାବେ ସମାଜ କେନ୍ଦ୍ରୀତ । ଜାତି ଏବଂ ସଂପ୍ରଦାୟ ତଥା ଉପଜାତି ପ୍ରଥା ପ୍ରାଚୀନ କାଳରୁ ରହିଛି । ଦେଶରେ ବର୍ଗ ବିଭାଜନ ଏକ ତଥ୍ୟ ଅଟେ, କିଂ ଏହା ସାମାଜିକ ପ୍ରଖର ଚେତନା ନୁହେଁ । ଚେତନ ଏବଂ ଅବଚେତନ ଅବସ୍ଥା ପର୍ଯ୍ୟ' ଜାତି ଓ ସଂପ୍ରଦାୟର ପରିଚୟ ଏବଂ ଏହା ପ୍ରତି ସାମୁହିକ ପ୍ରତିବଦ୍ଧତା ରହିଛି ହେଲେ ଜୀବନ ଜୀବିକା କଥା ମଧ୍ୟ ରହିଛି । ଜାତି ଓ ସଂପ୍ରଦାୟ ମାନେ ନିଜ ନିଜର ପରିଚୟକୁ ହିଁ ନିଜର ଅସ୍ତିତ୍ୱ ବୋଲି ମାନି ନେଇଥାଁ ଏବଂ ଏଥିପାଇଁ ଲଢେଇ ମଧ୍ୟ ଚାଲିଥାଏ । ସାଧାରଣ ସାମାଜିକ ବ୍ୟବହାରରେ ବିଶେଷ କରି କର୍ମକାଣ୍ଡ ଓ ପରମ୍ପରା ପାଇଁ ଲଢେଇ ଚାଲିଥାଏ । ବର୍ଗ ଚରିତ୍ର ବା ବର୍ଗ ସଂଘର୍ଷ ଔଦ୍ୟୋଗିକ କ୍ରାି ଏବଂ ବିଦେଶୀ ମାନସିକତାରୁ ସୃଷ୍ଟ ବୋଲି ଅନେକଙ୍କ ମତ । ବର୍ଗ ଚରିତ୍ର ଶାସନ ଅର୍ଥ ଚାରିପଟେ ଘୁରି ବୁଲୁଥାଏ । ଭାରତରେ କେବଳ ସମାଜ ନୁହେଁ ରାଜନୀତି ମଧ୍ୟ ଜାତି ଓ ସଂପ୍ରଦାୟର ପରିଧି ମଧ୍ୟରେ ଲୋକତାନ୍ତ୍ରିକ । ଦେଶ, ସମାଜ, ମୂଲ୍ୟବୋଧ ଭଳି ପ୍ରସଙ୍ଗ ଜାତି ଓ ସଂପ୍ରଦାୟର ଜାଲରେ ଛନ୍ଦିହୋଇ ପଡିଛି । ଏବେ ଜାତି ବିଭାଜନ, ସମାଜର ବିଭାଜନ ଏପରିକି ସାଂପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଭାଙ୍ଗିବାର ପ୍ରୟାସ ଚାଲିଛି । ବ 'ମାନର ସମାଜ ଅତୀତର ଗୌରବକୁ ଖୋଜିବାରେ ଲାଗିଛି । ଜାତି ଓ ସଂପ୍ରଦାୟର ଦ୍ୱାହି ଦେଇ ପ୍ରକୃତ ପ୍ରସଙ୍ଗକୁ ଦୁରେଇ ଦେବାର ଉଦ୍ୟମ ହେଉଛି । ସାଧାରଣ ଲୋକେ ମଧ୍ୟ ଏଥିରେ ଭ୍ରମିତ ହେଉଛଁ ।

ପଶ୍ଚିମୀ ଦେଶ ମାନେ ଅନେକ ବର୍ଷ ପର୍ଯ୍ୟ' ଧର୍ମଯୁଦ୍ଧ 'କୃସେଡ୍' ଲଢିଥିଲେ ଏବଂ ଅଶ୍ୱେତ (ଅଣଗୋରା) ମାନେ ଦୀର୍ଘ ଦିନର ସଂଘର୍ଷ ପରେ ସାଧାରଣ ନାଗରିକର ଅଧିକାର ପାଇଥିଲେ । ଭାରତରେ ଭିନ୍ନତା ବିଷମତା ରହିଛି । ଭାରତର ଅନେକ ଭାଷାଭାଷୀ ଲୋକ ରହୁଛଁ । ସେମାନଙ୍କର ଖାଦ୍ୟ ପାନୀୟ, ବେଶଭୁଷା, ସାମାଜିକ ଚଳଣି ଏବଂ ବିଚାର ମଧ୍ୟ ଭିନ୍ନ । ଗୋଟିଏ ଅ ଳରେ ମଧ୍ୟ ଏଭଳି ଭିନ୍ନତା ରହିଛି । ମଣିପୁର ହିଂସା ହେଉଛି ଏହାର ଏକ ସଦ୍ୟ ଉଦାହରଣ ଏବଂ ମଣିପୁର ଘଟଣାକୁ ନେଇ ସମାଜର ଭିନ୍ନ ଭିନ୍ନ ମତ ରହିଛି । ଏଭଳି ବିଷମତା ଏବଂ ଭିନ୍ନତା ଥିବା ଭାରତରେ ପ୍ରାକୃତିକ ବିପଦ ଏବଂ ଆକସ୍ମିକ ସ୍ଥିତିରେ ଏକଜୁଟତା ମଧ୍ୟ ଦେଖାଯାଇଥାଏ । ଅନ୍ୟ ପକ୍ଷରେ ନିର୍ବାଚନ ନେତାଙ୍କ ହାତର ଖେଳନା ବନି ଯାଇଛି । ଜଣକୁ ଅନ୍ୟ ଜଣକ ବିରୁଦ୍ଧରେ ଲଢେଇ ନେତା ଭୋଟ ଅକ୍ତିଆରରେ ବ୍ୟସ୍ତ । କିଂ ଏସବୁ ପରେ ମଧ୍ୟ ଦେଶର ସମସ୍ତେ ଗୋଟିଏ କଥା କହୁ ନଥିଲେ ମଧ୍ୟ ଅନେକ ସମୟରେ ସମାନ କଥା ହିଁ କହିଥାଁ ଯେଉଁଥିପାଇଁ ଅନେକ ସମସ୍ୟାର ସମାଧାନର ପନ୍ଥା ବାହାରିଯାଇଥାଏ । ବିଭାଜନ, ସବୁ ସ୍ତର ଓ ପ୍ରକାର ବିଭାଜନରେ ଗ୍ରସ୍ତ-ତ୍ରସ୍ତ ଭାରତ ଶହ ଶହ ବର୍ଷ ଇଂରେଜଙ୍କ ଅଧିନରେ ରହିଲା କାହିଁକି, ସେ କଥା ବୁଝିବା କଷ୍ଟକର ନୁହେଁ । ଯଦି ଆମେ ହଜାର ହଜାର ବର୍ଷ ପୂର୍ବର ରାଜା ମହାରାଜା ମାନଙ୍କ ଗୌରବ ଗାଥାକୁ ମନେ ପକାଇ ପାରିବା ତେବେ କିଛି ଶହ ବର୍ଷ ପୂର୍ବର ବାଦଶାହ ଓ ସୁଲତାନ ମାନଙ୍କର ଭଲ କଥା ସବୁକୁ ମନ ପକାଇବାରେ କ୍ଷତି କ'ଣ ? ଅନେକ ପିଢୀ ହେବ ଯେଉଁମାନେ ଭାରତରେ ରହି ଆସୁଛଁ ଏବଂ ଯେଉଁମାନେ ଇଂରେଜ ଶାସନକୁ ଭାରତୀୟ ଭାବେ ବିରୋଧ କରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହୋଇଥିଲେ ସେମାନଙ୍କ ଉ ରଦାୟାଦ ମାନଙ୍କୁ ଆକ୍ରମଣକାରୀଙ୍କ ଦାୟାଦ ଭାବିବା ଠିକ୍ ନୁହେଁ । ଇତିହାସ ଇତିହାସ ଅଟେ, ଏଥିରେ ଗର୍ବ କରିବାର ନାହିଁ କିମ୍ବା ଲଜ୍ଜିତ ହେବାର ନାହିଁ । କିଂ ଇତିହାସରୁ ଶିକ୍ଷାଲାଭ କରିବା ଉଚିତ୍ । ଯିଏ ଇତିହାସରୁ ଶିକ୍ଷା ଲାଭ କରିନାହିଁ ତାର ଭବିଷ୍ୟତ ମଧ୍ୟ ନାହିଁ ।

ଭିନ୍ନତାର ଅଂଃ ବିରୋଧ ସତ୍ତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ । ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ୍ୟ ଭାବି ପାରିନଥିଲେ । କିଂ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛଁ । ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ । ଗରୀବର ଜାତି ନାହିଁ କି ଧର୍ମ ନାହିଁ । ଗରୀବ କେବଳ ଗରୀବ । ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିଂ ମଇଳା ସଫା କରୁଥିବା ଲୋକଟିର ସମାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିଂ। କରିଛଁ କି ? ବାବା ସାହେବ ଆମ୍ବେଦକରଙ୍କୁ ଜାତିଗତ ଭେଦଭାବର ଶିକାର ହେବାକୁ ପଡିଥିଲା । ତେବେ ସଂରକ୍ଷଣ ପାଇଁ ଆର୍ଥୀକ ଆଧାର କ'ଣ ଠିକ୍ ନୁହେଁ ? ଦେଶର କିଛି ଗୋଷ୍ଠୀ ଗାନ୍ଧୀ ଓ ଆମ୍ବେଦକରଙ୍କୁ ବିରୋଧ କରୁଥିଲେ । ଗାନ୍ଧୀ ଚାହିଁଥିଲେ ଦେଶ ବିଭାଜନ ହୋଇନଥା' । ବୋଲି ଅନେକଙ୍କ ମତ । ଏହି କଥାରେ ଅନେକ କଥା ଲୁଚି ରହିଛି । ଅର୍ଥାତ୍ ଗାନ୍ଧୀ କେବେ ହାରି ପାର଼ନି ବା ଗାନ୍ଧୀ ହାରିବା କଥା ନୁହେଁ । ଦେଶ ବିଭାଜନ ପାଇଁ ଗାନ୍ଧୀ ଦାୟୀ ନୁହଁ । ରାଷ୍ଟ୍ରୀୟ ଚେତନା ଏବଂ ବିବେକର ସାଂପ୍ରଦାୟିକ ପରିଚୟ ହିଁ ଦେଶର ବିଭାଜନର କାରଣ । ଗାନ୍ଧୀଙ୍କୁ କିନ୍ତୁ ଏଥିପାଇଁ ସମାଲୋଚନା କରାଯାଉଛି ।

ଦଳିତ ଓ ଆଦିବାସୀ ସଂରକ୍ଷଣ ଏକ ବର୍ଗ ଚେତନାକୁ ଜାଗୃତ, ସଂଗଠିତ ଏବଂ ବିକଶିତ କରିଥିଲା, ଯେଉଁ କାରଣରୁ ମଣ୍ଡଳ କମିଶନ ଜାତିଗତ ପରିଚୟକୁ ଗୁରୁତ୍ୱ ଦେଇଥିଲେ । ପଛୁଆ ଭାବେ ଚିହ୍ନିତ ଜାତି ମାନଙ୍କ ମଧ୍ୟରୁ ଅନେକ ଜାତି ଆର୍ଥୀକ ଓ ସାମାଜିକ ସ୍ତରରେ ସ୍ୱଚ୍ଛଳ ଥିବାବେଳେ ପଛୁଆ ବର୍ଗଙ୍କୁ ମିଳିବାକୁ ଥିବା ସବୁ ସୁବିଧା ହଡପ କରିନେଉଛନ୍ତି । ଦଳିତ ଆଦିବାସୀଙ୍କ ଅଧିକାର ଏବଂ ସୁବିଧା ମଧ୍ୟ କିଛି ପରିବାର ମଧ୍ୟରେ ସୀମିତ ରହିଗଲା । ବାସ୍ତବରେ ଯେଉଁମାନେ ସୁବିଧା ପାଇବା କଥା ସେମାନେ ପାଇଲେ ନାହିଁ । ଏଣୁ ଜାତି ଜାତି ମଧ୍ୟରେ ଅବିଶ୍ୱାସ ବଢିବାରେ ଲାଗିଲା । ଚେତନା ଜାତିରୁ ଯାଇ ପୁଣି ଜାତି ଉପଜାତି ପର୍ଯ୍ୟ' ବିଭାଜିତ ହେଲା ଓ ଜାତି ଜାତି ଓ ଉପଜାତି ମଧ୍ୟରେ ଦୁରତା ବଢିଲା । ଏଣୁ ନେତାଙ୍କ ପାଇଁ ବିଭାଜନ କର ଏବଂ ଭୋଟ ପାଅର କ୍ଷେତ୍ର ପ୍ରସ୍ତୁତ ହୋଇଗଲା । ଆଧ୍ୟାତ୍ମିକ ଚେତନା ପାଇଁ ପ୍ରସିଦ୍ଧ ଏ ଦେଶର ଏଭଳି ଦୁର୍ଗତି ପାଇଁ ଦାୟୀ କିଏ ? ଭୌତିକ ବାଦ ଠାରୁ ଆଧ୍ୟାତ୍ମ ହାରି ଯାଇଛି, ଆକର୍ମଣ୍ୟତା ଠାରୁ ପୁରୁଷାର୍ଥ ହାରିଯାଇଛି, ବର୍ଚ୍ଚସ୍ୱ ଠାରୁ ବିବେକ ହାରି ଯାଇଛି ଓ ସ୍ୱାର୍ଥ ଠାରୁ ପରମାର୍ଥ ହାରିଯାଇଛି । ଭାରତୀୟ ସମାଜ ଅବତାରବାଦ ଓ ଅତୀତ ପ୍ରତି ଆସକ୍ତ । କିନ୍ତୁ ରାମଙ୍କୁ ପାଇବା ପାଇଁ ସମାଜକୁ ଯୋଗ୍ୟ ହେବାକୁ ପଡିବ ।

*ରାମଚନ୍ଦ୍ରପୁର*
*ରଣପୁର*
*ମୋ - ୯୪୩୮୪୮୫୦୯୪*

# ଉତ୍କଳ ପ୍ରଦେଶ ଗଠନରେ କୁଳବୃଦ୍ଧ ମଧୁବାବୁ



ଅକ୍ଷୟ କୁମାର ରାଉତ

ଷୋଡଶ ଶତାବ୍ଦୀର ମଧ୍ୟ ଭାଗରେ ଓଡିଶାର ରଜନୈତିକ ସାମ୍ରାଜ୍ୟର ଗୌରବ ରବି ଅସ୍ତମିତ ହେବା ପୂର୍ବରୁ ଓଡିଶାର ସୀମା ଉତରରେ ବଙ୍ଗ, ଦକ୍ଷିଣରେ ତେଲେଙ୍ଗାନା ଓ କର୍ଣ୍ଣାଟକ ପ୍ରଦେଶର କେତେକ ଅଂଚଳକୁ ନେଇ ପରିବ୍ୟାପ୍ତ ଥିଲା । ପର୍ଯ୍ୟାୟକ୍ରମେ ଆଫଗାନ, ମୋଗଲ, ମରାଠାଙ୍କ ଆକ୍ରମଣ ସହିତ ଅନ୍ତଃକନ୍ଦଳର ସୂତ୍ରପାତ ଓ ଭାତୃବିବାଦରେ ଓଡିଶାବାସୀ ସହ୍ୟଶକ୍ତି ହରାଇ ଚରମ ସୋପାନରେ ପହଂଚି ଯାଇଥିଲେ । ଏସବୁ ଥିଲା ପଲାସୀ ଯୁଦ୍ଧରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗ ଅଧିକାର କରିବାର ୪୬ ବର୍ଷ ପରର ଘଟଣା । କେବଳ ବଙ୍ଗ କାହିଁକି ସାରା ଭାରତର ଭାଗ୍ୟ ମଧ୍ୟ ସେହିଠାରେ ନିର୍ଦ୍ଧାରିତ ହେଲା । ମରାଠାମାନେ କଟକର ବାରବାଟୀ ଦୁର୍ଗ ଅଧିକାର କରି ସାରା ଓଡିଶାରେ ରାଜୁତି ଚଳାଇବା ପରି ଇଂରେଜମାନେ ମଧ୍ୟ ସେହି ଦୁର୍ଗ ଅଧିକାର କରି ରାଜୁତି କଲେ । ପରେ କଲିକତାର ଫୋର୍ଟ ଉଇଲିୟମ ହେଲା ଓଡିଶା ଶାସନର କେନ୍ଦ୍ରସ୍ଥଳୀ । ଶତାବ୍ଦୀ ପରେ ଶତାବ୍ଦୀ ମୋଗଲ ମରାଠା ମାନଙ୍କ ଶୋଷଣ କଷଣ ଲୁଣ୍ଠନରେ ଅତିଷ୍ଠ ଓଡିଶା ଇଷ୍ଟଇଣ୍ଡିଆ କମ୍ପାନୀଙ୍କୁ ବିରୋଧ ନକରି ନିଜର ତ୍ରାଣକର୍ତା ଭାବେ ସ୍ୱାଗତ କରିଥିଲା । ଓଡିଶା କମ୍ପାନୀ ଶାସନ ଆରମ୍ଭରେ ଖଣ୍ଡବିଖଣ୍ଡିତ ହୋଇ ବଙ୍ଗଳା, ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଆଦି ଯେଉଁ ପ୍ରଦେଶ ଗୁଡିକୁ ବ୍ରିଟିଶ୍ ମାନେ ଆଦରି ନେଇଥିଲେ ସେମାନଙ୍କ ସହ ସାମିଲ୍ ହୋଇ ଯାଇଥିଲା । ଫଳରେ ପରସ୍ପର ଠାରୁ ବିଚ୍ଛିନ୍ନ ତିନୋଟି ଅଲଗା ଅଲଗା ଶସନାଧିନରେ ସଂଖ୍ୟାଲଘୁ ଭାଷା ଭାଷୀ ଓ ଇତର ସଂସ୍କୃତି ଲୋକଙ୍କ ପରି ଓଡିଆଙ୍କୁ ରହିବାକୁ ପଡିଥିଲା । ଓଡିଶାକୁ କମ୍ପାନୀ ଶାସନର ୧୪ ବର୍ଷ ମଧ୍ୟରେ ଦୁଇ ତୃତୀୟାଂସ ଜମିଦାରୀ ଓଡିଶା ବାହାର ଲୋକଙ୍କ ହାତକୁ ଚାଲିଗଲା । ଓଡିଶା ଗୌରବର ମେରୁଦଣ୍ଡ ଭାଙ୍ଗିଗଲା ।। ପାଇକ ମାନଙ୍କ ପ୍ରଭୁତ୍ୱ ଓ ପ୍ରତିପତି ହ୍ରାସ ପାଇଲା । ଦୀର୍ଘଦିନ ଧରି ଏଭଳି ଅସହ୍ୟ ପରିବେଶକୁ ବରଦାସ୍ତ କରିନପାରି ପାଇକମାନେ କମ୍ପାନୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ସହିତ ପୁରୀ ସହରକୁ ଦଖଲ କରିନେଲେ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦର ସଂଗ୍ରାମ ଥିଲା ଏହି ପାଇକ ବିଦ୍ରୋହ । କମ୍ପାନୀ ଶାସନର ସାମରିକ ଶକ୍ତି ବଳରେ ଏହି ବିଦ୍ରୋହ ଦବି ଯାଇଥିଲେ ବି ବେଳେ ବେଳେ ବିଦ୍ରୋହ ମୁଣ୍ଡ ଟେକୁଥିଲା । ଭାଷାଗତ ଦୃଷ୍ଟିରୁ ବିଖଣ୍ଡିତ ଆର୍ଥିକ ଦୃଷ୍ଟିରୁ ସଂକଟିତ ଓ ସାଂସ୍କୃତିକ ମ୍ରିୟମାଣ ଓଡିଶା କମ୍ପାନୀ ସରକାରଙ୍କୁ ବିରୋଧ କରିବାରୁ ଅକଥନୀୟ ଅତ୍ୟାଚାର ସହିବା ସହିତ ପରିଣାମରେ ବଙ୍ଗଳା ପ୍ରେସିଡେନ୍ସିର ଉପନିବେଶ ରୂପେ ରହିଥିଲା ।

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଓଡିଶାର ଅଭାବ ଅସୁବିଧା ଦେଖିବାକୁ ମିଳିଲା । ଏତେଦିନେ ବ୍ରିଟିଶ ଶାସନର ଚେତା ପଶିଲା । ଦୁର୍ଭିକ୍ଷ ପରେ ଭାରତ ସରକାର ଏ ବିଷୟରେ ସ୍ୱତନ୍ତ୍ର ତଦନ୍ତ କରି ଜାଣିଲେ ଓଡିଶାକୁ ଖଣ୍ଡ ଖଣ୍ଡ କରି ଶାସନ କରିବା ଫଳରେ ଏଭଳି ଦୁର୍ଭିକ୍ଷ ସଂଗଠିତ ହୋଇ୧୦ ଲକ୍ଷ ଲୋକଙ୍କ ପ୍ରାଣ ହାନୀ ଘଟିଲା । ଏହାର ପ୍ରତିକାର ନିମନ୍ତେ ଓଡିଶାକୁ ବଙ୍ଗଳାରୁ ଅଲଗା କରି ସମଗ୍ର ଭାଷାଭାଷୀ ଅଂଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଶାସନାଧିନ କରି ରଖିବାକୁ ୧୮୬୮ ମସିହାରେ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶାସନର ଦୋଷତ୍ରୁଟି ସଂପର୍କରେ ଚେତାଇଦେବା ସହିତ ସୁପାରିଶ କରିଥିଲେ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ସାର୍ ଷ୍ଟ୍ରା ଫୋର୍ଡ ନର୍ଥକୋଟ୍ । ଏହି ସୁପାରିଶର ସୁଯୋଗ ଦାବି ନେଇ ସେତେବେଳେ କୌଣସି ସଂସ୍ଥା କି ରାଜନୈତିକ ବଳ ନଥିବା ଯୋଗୁଁ ଏହା କେବଳ କାଗଜରେ ସେପରି ରହିଯାଇଥିଲା ।

ଓଡିଶା ବାହାରେ ଯେଉଁ ସୁବିଧାବାଦୀ ଓଡିଶା ଶାସନ କଳକୁ କବ୍ଜା କରି ସବୁ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ନେଇ ଚାଲିଥିଲେ, ସେମାନେ ସେମାନଙ୍କ ସ୍ୱାର୍ଥହାନୀ ଦେଖି ଉକ୍ତ ସୁପାରିଶକୁ ଭଣ୍ଡୁରକରୁବାକୁ ଚକ୍ରାନ୍ତ କରି ବସିଲେ । ଓଡିଶା ଡିଭିଜନର ସବୁ ସ୍କୁଲ୍‌ରୁ ଓଡିଆ ଭାଷା ଉଠାଇବାକୁ ଚେଷ୍ଟା କଲେ । ଏଥିପାଇଁ ଜନ୍ ବିମ୍ସ ସାହେବ ସ୍ପଷ୍ଟ ଭାବରେ ଓଡିଆ ଭାଷା ଅନ୍ୟାନ୍ୟ ଭାରତୀୟ ଭାଷା ଠାରୁ ଅଧିକ ପୁରାତନ ଓ ପ୍ରତିଷ୍ଠିତ ବୋଲିକହିଲେ । ପ୍ରକୃତରେ ବି ଓଡିଆମାନେ ଓଡିଆ ଭାଷାକୁ ନେଇ ଗର୍ବ କରୁଥିଲେ । ଏଭଳି ଅବସ୍ଥାରେ ଓଡିଆ ଭାଷା ରକ୍ଷା ଆନ୍ଦୋଳନକୁ ଚଳାଇବାକୁ ଓଡିଶାର ସମୂହ ଜନତା ଅତୀତର ସମସ୍ତ ଜଡତା ପରିହାର କରି ଏକମନ ଏକପ୍ରାଣରେ ମାତି ଉଠିଲେ । ଦୀର୍ଘଦିନର ଭାଷା ଆନ୍ଦୋଳନ ପରେ ଓଡିଆ ଭାଷାର ବିଜୟ ହେଲା । ଓଡିଆ ଭାଷା ଭାଷୀ ଅଂଚଳକୁ ଏକ ଶାସନାଧିନ କରି ରଖିବା ଲାଗି ପୂର୍ବରୁ ଯେଉଁ ଉଦ୍ୟମ ମୁଣ୍ଡ ଟେକିଥିଲା ତାହା ସମୟକ୍ରମେ ଅଧିକ ସକ୍ରିୟ ହୋଇ ଉଠିଲା । ଏଭଳି ଏକ ପରିବେଶ ପରିସ୍ଥିତିରେ ଏହି ନିଷ୍ପ୍ରାଣ ଓଡିଆ ଜାତିକୁ ଏକ ଦୃଢ ଜାତିର ଶକ୍ତି ଆଉ ଅସରନ୍ତି ଧୈର୍ଯ୍ୟ ଦେବାକୁ ଧାଇଁ ଆସିଲେ କୁଳବୃଦ୍ଧ ମଧୁବାବୁ । ଓଡିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧିନ କରି

ଓଡିଶାବାସୀଙ୍କ ଲାଗି ସ୍ୱତନ୍ତ୍ର ପ୍ରଦେଶ ଗଠନର ସମ୍ଭାବନାକୁ ବାସ୍ତବତାର ରୂପ ଦେବା ଲାଗି ଅନେକ କିଛି ଉଦ୍ୟମର ଆବଶ୍ୟକକୁ ବିଚାର କରି ସେହି ସମୟରେ ମଧୁବାବୁ ଓଡିଶାରେ ଏକ ଅନୁଷ୍ଠାନ ଉତ୍କଳସଭା ବା ଓଡିଶା ଆସୋସିଏସନ ଗଠନ କରିଥିଲେ । ସେତେବେଳେ ଏହାର କାର୍ଯ୍ୟ ପରିସର ସେତେଟା ପରିବ୍ୟାପ୍ତ ନହୋଇ କେବଳ କଟକ ଜିଲ୍ଲାରେ କାର୍ଯ୍ୟ କରୁଥିଲା । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଦୁଇଦିନ ଧରି କଟକ ଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଲା । ସେଥିରେ ସାରା ଓଡିଶାର ରାଜା ରାଜୁଡା ଠୁ ଆରମ୍ଭ କରି ସାଧାରଣ ଜନତା ଏପରିକି ଓଡିଶା ବାହାରେ ଥିବା ଓଡିଆ ଲୋକ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଲେ । ସେଠାରେ ଓଡିଆ ଭାଷାଭାଷୀ ବିଚ୍ଛିନ୍ନାଂଚଳ ଗୁଡିକର ଏକତ୍ରିକରଣ ନିମନ୍ତେ ନାନାକଥା ଆଲୋଚନା କରାଯାଇଥିଲା । ୧୯୨୦ ମସିହାରେ ଗାନ୍ଧିଜୀଙ୍କର ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନକୁ କର୍ମସୂତ୍ର ଭାବେ ଉତ୍କଳ ସମ୍ମିଳନୀ ଗ୍ରହଣ କରି ଭାରତୀୟ ଜାତୀୟ ସ୍ରୋତରେ ତା ର ସ୍ୱତନ୍ତ୍ର ସତା ବଜାୟ ରଖିଲା । ଏହା ମୁଖ୍ୟତଃ ଜାତିବର୍ଣ୍ଣ ଭାଷା ନିର୍ବିଶେଷରେ ସମସ୍ତ ଓଡିଆ ଭାଷାଭାଷୀ ଅଂଚଳକୁ ଏକଶାସନାଧିନ କରିବାର ମହାସଭା ଥିଲା । କେବଳ ସ୍ୱତନ୍ତ୍ର ପ୍ରଦେଶ ନୁହେଁ ଉତ୍କଳ ସମ୍ମିଳନୀ ମଧ୍ୟ ଓଡିଶାରେ ବ୍ୟବସାୟିକ ଶିକ୍ଷାର ପ୍ରସାର ଓ ସର୍ବୋପରି ଓଡିଶାର ସାଂସ୍କୃତିକ ଓ ରାଜନୈତିକ ଜାଗରଣ ଆଣିବାରେ କାର୍ଯ୍ୟ କରୁଥିଲା । ଉତ୍କଳ ସମ୍ମିଳନୀ ତା ର କାର୍ଯ୍ୟକଳାପ ନେଇ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ବସିଲା । ଓଡିଶାର ଓଡିଆ ମାନେ ଆଗ୍ରହ ସହକାରେ ଏହି ସମ୍ମିଳନୀରେ ଯୋଗ ଦେଉଥିଲେ । ଏହି କାର୍ଯ୍ୟ ନିମନ୍ତେ ମଧୁବାବୁ ବ୍ୟକ୍ତିଗତ ଭାବେ ମଧ୍ୟ ଋଣ କରୁଥିଲେ । ସେଥିପାଇଁ ତାଙ୍କୁ ଶେଷଜୀବନରେ ଦେବାଳିଆ ହେବାକୁ ମଧ୍ୟ ପଡିଥିଲା ।

ଉତ୍କଳ ସମ୍ମିଳନୀ ଦ୍ୱାରା କେବଳ ମଧୁବାବୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଚାହିଁ ନଥିଲେ । ପ୍ରଦେଶଟିକୁ ମଧ୍ୟ ସମସ୍ତ ପ୍ରକାର ଅନ୍ୟାୟ ଲୁଣ୍ଠନରୁ ମୁକ୍ତ କରାଇ ତାହାର ଅଧିବାସୀଙ୍କୁ ସ୍ୱାଧିନ ଜୀବନଯାପନ କରିବାକୁ ଉଦ୍ୟମ କରିଥିଲେ । ମଧୁବାବୁଙ୍କ ଏସବୁ ଲକ୍ଷ ସଫଳ ହୋଇଥିଲା କି ନାହିଁ ତାହା ସମୟ କହିବ, ହେଲେ ସେ ଯେଉଁ ମହତ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲେ ସେଥିରେ ତାଙ୍କର ମହନୀୟତା ଉଚ୍ଚକାଂକ୍ଷା ଦେଖିବାକୁ ମିଳେ । ଯାହାଟା ଅନ୍ୟ କୌଣସି ଓଡିଆଙ୍କ ଠାରେ ଦେଖିବାକୁ ମିଳୁନଥିଲା । ନିଜର ନିସ୍ୱାର୍ଥପର କାର୍ଯ୍ୟାବଳୀ ନିମନ୍ତେ ମଧୁବାବୁ ସବୁ ଶ୍ରେଣୀର ଓଡିଆଙ୍କ ଶ୍ରଦ୍ଧା ସମ୍ମାନର ଆସନରେ ଅଧିଷ୍ଠିତ ହୋଇପାରିଥିଲେ । ବ୍ୟକ୍ତିଗତ ଓ ସାମୁହିକ ସମାଜର ପରିସରରେ ବହୁ ଦାରୁଣ ବିପର୍ଯ୍ୟୟ ଓ ଦୁଖଃ ଦୁର୍ଦ୍ଦଶାକୁ ସେ ସାହସ ଓ ଆନନ୍ଦର ସହ ମୁକାବିଲା କରିବାରେ ଯେଉଁ ସାମର୍ଥ ପ୍ରଦର୍ଶନ କରିଥିଲେ ତାହା ଭଷାରେ ବର୍ଣ୍ଣନା କରାଯାଇ ନପାରେ । ଜୀବନର ଅନ୍ତିମ ମୁହୂର୍ତ ନିକଟତର ହେବା ଜାଣି ଓଡିଶା ବିଷୟ ବୁଝିବାକୁ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାୟିତ୍ୱ ବହନ କରିବାକୁ ସ୍ୱତନ୍ତ୍ର ଉତରାଧିକାରୀ ଭାବେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମଧୁବାବୁ ମନେ ମନେ ସ୍ଥିର କରିନେଇଥିଲେ । କିନ୍ତୁ ଓଡିଶାର ଦୁର୍ଭଗ୍ୟକୁ ୧୯୨୮ ମସିହା ଜୁନ୍ ୧୭ ତାରିଖରେ ଗୋପବନ୍ଧୁଙ୍କ ମୃତ୍ୟୁ ଘଟି ସାରିଥିଲା । ତେଣୁ ମଧୁବାବୁ ଓଡିଶାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଥିଲେ । ମଧୁବାବୁ ନିଜେ ଯେଉଁ ସତ୍ୟବାଦୀ ଗୋଷ୍ଠୀ ଗଠନ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ ସେହି ଗୋଷ୍ଠୀର ମୁଖ୍ୟ ଥିଲେ । ପଣ୍ଡିତ ନୀଳକଣ୍ଠ ମଧୁବାବୁଙ୍କ ସଂକଟାପନ୍ନ ଅବସ୍ଥା ବିଷୟ ଶୁଣି ଶେଷଦର୍ଶନ ପାଇଁ କଟକ ଫେରି ଆସିଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ସବୁ ଅଂଚଳ ଓଡିଶାରେ ମିଶିବାକୁ କହିବା ପରେ ତାଙ୍କର ଚୈତନ୍ୟ ସତା ଲୋପ ପାଇଯାଇଥିଲା । ୧୯୩୪ ମସିହା ଫେବୃୟାରୀ ୪ ତାରିଖ ରାତିରେ ତାଙ୍କର ଅମର ଆତ୍ମା ଦିବ୍ୟଧାମକୁ ବାହୁଡି ଗଲା । ସୁଦୀର୍ଘ ୮୫ ବର୍ଷ ବୟସରେ ଘଟଣାବହୁଳ କୁଳବୃଦ୍ଧ ମଧୁବାବୁଙ୍କ ଜୀବନର ପରିସମାପ୍ତି ଘଟିଲା । ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାକୁ ମଧୁବାବୁ ଜୀବନସାରା ଲାଗି ପଡିଥିଲେ ବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ୧୯୩୬ ଏପ୍ରଲ ୧ ତାରିଖକୁ ନିଜ ଆଖିରେ ଦେଖି ପାରିନଥିଲେ । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି, ଏବେବି ଓଡିଆ ଓ ଓଡିଶାର ବିକାଶ ଚିନ୍ତା କରୁଥିବା ଚିନ୍ତାନାୟକ ମାନେ ଓଡିଶାରୁ ବିଚ୍ଛିନ୍ନାଂଚଳ, ଓଡିଶାରେ ମିଶ୍ରଣ କରାଇ ପାରିନାହାନ୍ତି । ଓଡିଶା ପ୍ରଦେଶରୁ ବାଦ୍‌ପଡିଥିବା ସମସ୍ତ ବିଛିନ୍ନାଂଚଳକୁ ଓଡିଶାରେ ମିଶ୍ରଣ କରାଇବାକୁ ସମସ୍ତ ଓଡିଆ ପ୍ରଯତ୍ନ କରିପାରିଲେ ମଧୁବାବୁ ଜୀବନର ଯଥାର୍ଥ ଆଲୋକପାତ କରାଯିବା ସହିତ ସ୍ୱତନ୍ତ୍ର ପ୍ରଦେଶ ପାଳନର ଲକ୍ଷ ସାକାର ହୋଇପାରିବ ବୋଲି ଯଥାର୍ଥରେ କୁହାଯାଇପାରେ ।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ- ୯୯୩୭୬୯୧୪୭୫

# ମୋ ଓଡ଼ିଶା

## ପୋଷ୍ଟର ଯୁଦ୍ଧ : କଦର୍ଯ୍ୟ ହେଉଛି କାନ୍ଥ ବାଡ଼



ପୌର ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳମାନଙ୍କର ପୋଷ୍ଟର ଯୁଦ୍ଧ ଏବେ ସାଧାରଣ ଲୋକଙ୍କର ମୁଣ୍ଡବିନ୍ଧାର କାରଣ ହେଉଛି। ରାତାରାତି ଲୋକଙ୍କ ଘରର ପାଚେରୀ, କାନ୍ଥବାଡ଼ ଆଦିରେ ଏମାନେ ନିଜ ନିଜ ପ୍ରାର୍ଥୀଙ୍କର ପୋଷ୍ଟର ମାରି ତାହାକୁ ରଙ୍ଗ ବେରଙ୍ଗ କରିଦେଉଛନ୍ତି। କେତେକ ସ୍ଥାନରେ ଲୋକେ ବାରଣ କଲେ ବି ତାହାକୁ ମାନୁନାହାନ୍ତି। ସମଗ୍ର ରାଜ୍ୟରେ ଏବେ ଚାଲିଛି ପୌର ନିର୍ବାଚନ। ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ମନମତାଣିଆ ଗୀତ ସାଙ୍ଗକୁ ରଙ୍ଗ ବେରଙ୍ଗର ପୋଷ୍ଟର ତିଆରି କରିଛନ୍ତି। ଗୀତ ବାଜୁଥିବା ଗାଡ଼ି ଗୁଡ଼ିକ ବିଭିନ୍ନ ସାହି ଗଳି ବୁଲୁଥିବା ବେଳେ ପୋଷ୍ଟର ଉପରେ କିନ୍ତୁ ପ୍ରାର୍ଥୀମାନେ ଜୋର ଦେଉଛନ୍ତି। ବିଭିନ୍ନ ସ୍ଥାନରେ ଫ୍ଲେକ୍ସ ଟାଣିବା ଅପେକ୍ଷା କାନ୍ଥବାଡ଼, ଗଛ, ବିଦ୍ୟୁତଖୁଣ୍ଟ, ପାଚେରୀ ଆଦିରେ କାଗଜ ପୋଷ୍ଟର ମାରିବା ଉପରେ ଜୋର ଦେଉଛନ୍ତି।

ରାଜ୍ୟର ତିନି ପ୍ରମୁଖ ଦଳ ଏବେ ଲକ୍ଷାଧିକ ପୋଷ୍ଟର ପ୍ରସ୍ତୁତ ସହିତ ତାହାକୁ ଲଗାଇବା ପାଇଁ ଶ୍ରମିକମାନଙ୍କୁ ନିୟୋଜିତ କରି ଦେଉଛନ୍ତି। ପୋଷ୍ଟର ପିଛା ପଇସା ଧାର୍ଯ୍ୟ କରି ଅଠା ଓ ପୋଷ୍ଟର ସେମାନଙ୍କୁ ଧରାଇବା ସହିତ ଇଲାକା ଚିହ୍ନଟ କରିଦେଉଛନ୍ତି। ତେଣୁ ପଇସା ପାଉଥିବା ଏହି ଶ୍ରମିକମାନେ ରାତିବେଳା ପୋଷ୍ଟର ମାରିବାକୁ ଉଚିତ ମଣୁଛନ୍ତି। କାରଣ ଦିନବେଳା ପୋଷ୍ଟର ମାରିଲେ ଅନେକ ସ୍ଥାନରେ ଲୋକେ ତାହାକୁ ବିରୋଧ କରୁଛନ୍ତି। ଯଦି ପୋଷ୍ଟର କମ୍ ମରାହେବ ତେବେ ଶ୍ରମିକମାନେ ଚୁକ୍ତି ମୁତାବକ ପଇସା ପାଇବେ ନାହିଁ। ତେଣୁ ସେମାନେ ଏବେ ବିଳମ୍ବିତ ରାତିରେ ପୋଷ୍ଟରମରା କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକଙ୍କ ଘରର କାନ୍ଥଠାରୁ ଆରମ୍ଭ କରି ଗଛ ଓ ବିଦ୍ୟୁତଖୁଣ୍ଟ କାହାକୁ ଛାଡୁନାହାନ୍ତି। ତେବେ ସବୁଠାରୁ ଅଧିକ ପୋଷ୍ଟର ବ୍ୟବହାର ହେଉଛି ବିଭିନ୍ନ ବସ୍ତି ନିକଟରେ ଥିବା ସରକାରୀ କ୍ୱାର୍ଟସର ପାଚେରୀରେ। ଆର୍ଥିକ ବର୍ଷ ଶେଷ ଯୋଗୁଁ ବିଭିନ୍ନ ସ୍ଥାନରେ ପାଚେରୀଗୁଡ଼ିକ ନୂଆ ରଙ୍ଗ ହୋଇଛି। ହେଲେ ରାତି ପାହିଲା ବେଳକୁ ତାହା ବିଭିନ୍ନ ଦଳର ପୋଷ୍ଟରରେ ରଙ୍ଗେଇ ହୋଇଯାଉଛି।

ଗୋଟିଏ ଦଳ ଯଦି କୌଣସିଠାରେ ପୋଷ୍ଟରଟିଏ ମାରି ଦେଉଛି ତେବେ ଅନ୍ୟ ଦଳମାନେ ସେଠାରେ ପ୍ରତିଯୋଗିତା ଭିତ୍ତିରେ ଅଧିକ ପୋଷ୍ଟର ମାରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ କେତେକ ସ୍ଥାନରେ କାନ୍ଥ ବାଡ଼ ସବୁ ପୋଷ୍ଟର ପଛପଟେ ଲୁଚି ଗଲେଣି। ଲୋକେ ଏହାର ପ୍ରତିବାଦ କଲେ କେହି ଶୁଣିବାକୁ ବି ନାହିଁ। ବିଳମ୍ବିତ ରାତିରେ ପୋଷ୍ଟର ମରାଯାଉଥିବାରୁ ଅଧିକାଂଶ ଏହାକୁ ବିରୋଧ ବି କରିପାରୁନାହାନ୍ତି। ତେଣୁ ଯେଉଁସବୁ ସ୍ଥାନରେ ଏଭଳି ମାଳ ମାଳ ପୋଷ୍ଟର ମାରି କାନ୍ଥବାଡ଼କୁ କଦର୍ଯ୍ୟ କରାଯାଉଛି ଭୋଟ ସରିଲା ପରେ ସେହିସବୁ ପୋଷ୍ଟରକୁ ସଂପୃକ୍ତ ପ୍ରାର୍ଥୀମାନେ କାଢ଼ି ନେବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେବା ଉଚିତ ବୋଲି ମତ ପ୍ରକାଶ ପାଉଛି। ତେବେ ଯେଉଁଭଳି ଭାବେ ଅଠା ଦ୍ୱାରା କାଗଜ ପୋଷ୍ଟରକୁ କାନ୍ଥରେ ଲଗାଯାଉଛି ବର୍ଷାଋତୁ ପୂର୍ବରୁ ତାହା ସହଜରେ ଛାଡ଼ିବ ନାହିଁ ବୋଲି ଅନେକ ମତ ଦେଉଛନ୍ତି।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨, E-mail : badal009bhuyan@gmail.com

## ଯୁଦ୍ଧ ଚାହୁଁନା ଶାନ୍ତି ଚାହୁଁ – ଜିଲ୍ଲା ବିକାଶ ସାମ୍ମୁଖ୍ୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ସାଂପ୍ରତିକ ଋଷ ଏବଂ ୟୁକ୍ରେନ୍ ଯୁଦ୍ଧର ଭୟାବହତା ଓ ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନାଟୋ, ଶିଆଟୋ, ଫ୍ଲାଟୋ ଏବଂ ୱାସପ୍ୟାକ ଭଳି ସାମରିକ ସଂଗଠନ ମାଧ୍ୟମରେ ଶୀତଳଯୁଦ୍ଧ ଚାଲୁ ରହିଥିଲା। ଭାରତ ଗୋଷ୍ଠି ନିରପେକ୍ଷ ନୀତି ଅବଲମ୍ବନ କରି ଉଭୟ ସାମରିକ ଶକ୍ତିଠାରୁ ଦୂରତ୍ୱ ରକ୍ଷା କରି ଚାଲିଛି। ୟୁକ୍ରେନ୍ ନାଟୋର ସଦସ୍ୟତା ଗ୍ରହଣକୁ ବିରୋଧ କରି ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କଲେ। ଯୁଦ୍ଧର ୧୫ ଦିନ ପରେ ନାଟୋ ଶକ୍ତି ବାହାରୁ ଦେଖଣାହାରୀ ସାଜି କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଫଳରେ ପୁଟିନ୍ ୟୁକ୍ରେନକୁ ନାଟୋ ଶକ୍ତିର ପରିସରଭୁକ୍ତ ନ ହେବା ପାଇଁ ଯୁଦ୍ଧ ଚାଲୁ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱର କୋଣ ଅନୁକୋଣରୁ ଯୁଦ୍ଧର ଅବସାନ ପାଇଁ ଚାପ ପ୍ରୟୋଗ ହେଉଛି। ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗିରଥି ଜେନା, ଅମୀୟ କୁମାର ନାୟକ, ନେତ୍ରାନନ୍ଦ କର, ଶ୍ରୀନିବାସ ପରିଡା, ମଧୁସୁଦନ ରାଉତ, ମଧୁସୁଦନ ବାରିକ, ବସନ୍ତ ସାହୁ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ତୁରନ୍ତ ଯୁଦ୍ଧ ବିରତି ଘୋଷଣା କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିବେଦନ କରିଛନ୍ତି।

## ଶୁଦ୍ଧାନନ୍ଦ କଲେଜରେ ମହିଳା ଦିବସ ପାଳିତ



ଫୁଲନଖରା (ପିଏନ୍)–ସ୍ଥାନୀୟ ଶୁଦ୍ଧାନନ୍ଦ କଲେଜରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ କଲେଜ ସଭାଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରୋଗ୍ରାମ ଅଫିସର ଡଃ.ନିବେଦିତା ଆଚାର୍ଯ୍ୟ ମୁଖ୍ୟ ଅତିଥିରୂପେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଥମେ ପୁରୁଷମାନେ ଅବଗତ ହେବା ଦରକାରବୋଲି ମତପୋଷଣ କରିଥିଲେ। ଜଣେ ମହିଳା ଚାହିଁଲେ ଯେ କୌଣସି ଅସାଧ୍ୟକୁ ସମ୍ମୁଖିନ ହେବାକୁ ସମର୍ଥବୋଲି ସେ ତାଙ୍କ ଅଭିଭାଷଣରେ ବର୍ଣ୍ଣନା କରିଥିଲେ। କଟକ ପୁଲିସ ମହିଳା ଓ ଶିଶୁ ଡେସ୍କ ଆଇଆଇସି ଟେରେସ୍କୋଭା ମହାପାତ୍ର ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ହୋଇ ନାରୀଙ୍କୁ ସେମାନଙ୍କ ହକ ଓ ସମ୍ମାନ ଯେ ପର୍ଯ୍ୟନ୍ତ ଉପଯୁକ୍ତଭାବେ ନମିଳିଛି ସେ ପର୍ଯ୍ୟନ୍ତ ଏକ ସୁସ୍ଥ ସମାଜ ସ୍ୱପ୍ନ ଅପୂରଣୀୟ ହୋଇ ରହିବବୋଲି କହିଥିଲେ। ଡିନ ପ୍ରଫେସର ରଂଜନକୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା ନିର୍ଦ୍ଦେଶକ ଇଂ.ସୁନିଲକୁମାର ପଟ୍ଟନାୟକ ଉଦଘାଟକଭାବେ ଯୋଗଦେଇ ନାରୀ ଓ ପୁରୁଷ ସମାନ ଏବଂ ଏ ଜାତିର ଐତିହ୍ୟ ଓ ପରମ୍ପରା ଅକ୍ଷୁଣ୍ଣ ରଖି ଆଗକୁ ଅଗ୍ରସର ହେବାକୁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଗଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡଃ.ଅନିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସ୍ୱସ୍ତିକା ପ୍ରିୟଦର୍ଶିନୀ, ଜୟଶ୍ରୀ ଭୋଇ, ଶ୍ରଦ୍ଧାଳି ଦାଶ, ତପସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳିତ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳନ କରାଯାଉଥିବା ଅବସରରେ ଚଳିତ ବର୍ଷ ଭୁବନେଶ୍ୱର ପୋଖରୀପୁଟ ଓ ପାଣ୍ଡରାଠାରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରରେ ଏହି ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଔଷଧ ବଣ୍ଟନ, ମାସ୍କ, ସାନିଟାରୀ ବୋତଲ ତଥା ମହିଳାମାନଙ୍କୁ ସାନିଟାରୀ ନାପକିନ ପ୍ରଦାନ କରାଯାଇଥିଲା। ଏହା ସହିତ ଇଚ୍ଛୁକ ବ୍ୟକ୍ତିମାନଙ୍କ ରକ୍ତଚାପ, ରକ୍ତସର୍କରା, ଶରୀରରେ ଅମ୍ଳଜାନ ସ୍ତର, ମାପିବାର ନିଃଶୁଳ୍କ ବ୍ୟବସ୍ଥା ଉକ୍ତ ସଂଗଠନ ପକ୍ଷରୁ ସଫଳ ଭାବେ ଆୟୋଜିତ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଉଚ୍ଚ ଶିକ୍ଷିତା ତଥା ସାରସ୍ୱତ ପ୍ରତିଭାର ଅଧିକାରିଣୀ ଯୁବ ଉଦ୍ୟୋଗୀ ଅର୍ଚ୍ଚନା ଏବଂ ଯୁବ ଯନ୍ତ୍ରୀ ପାର୍ଥସାରଥୀ ପୂର୍ବରୁ ବହୁ ଜନକଲ୍ୟାଣ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ମାନ ଆୟୋଜିତ କରିଆସୁଛନ୍ତି। ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନରେ ମନୁଷ୍ୟ ଶରୀରର ପ୍ରଭାବ ଏବଂ ତା'ର ପ୍ରତିକାର ସମ୍ବନ୍ଧରେ ଶିବିର ମାନ ଆୟୋଜନ କରିବା ସହ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି ପ୍ରମୁଖ ଆୟୋଜକ ଓ ସଂଯୋଜକ ପାର୍ଥସାରଥୀ ସୂଚନା ପ୍ରଦାନ କରିଥିଲେ।

## କୃଷ୍ଣଦାସପୁରରେ ତ୍ରିଦିବସୀୟ ବାଦିପାଲା

ଭୁବନେଶ୍ୱର (ପିଏନ୍): ଆଧୁନିକତାର ପ୍ରଭାବ ହେଉ କିମ୍ବା ଓଡିଶା ଲୋକଙ୍କ ଅବହେଳା କାରଣରୁ ଓଡିଆ ପାଲା ସଂସ୍କୃତି ଲୋପ ହେବାକୁ ବସିଛି। ଏଭଳି ସମୟରେ ଏହାର ପୁନରୁଦ୍ଧାର ପ୍ରତ୍ୟେକ ଓଡିଆଙ୍କର କର୍ତ୍ତବ୍ୟ ବୋଲି କୃଷ୍ଣଦାସପୁର ଗ୍ରାମ ପଞ୍ଚାୟତର ମୁରବୀମାନେ କହିଛନ୍ତି। ବାଲୁଙ୍କେଶ୍ୱର ଜାଗରଯାତ୍ରା କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବାଦିପାଲାରେ ଗାୟକ ଭାବେ ମାଳିକା ସମ୍ରାଟ ନେତ୍ରାନନ୍ଦ ଦାସ (ଛତିଆବଟ), ରସ ସାଗର କୁଳମଣି ପଣ୍ଡା (ବିଡାନାସୀ, କଟକ) ଯୋଗଦେଇ ମାଳିକା ଉପରେ ପାଲା ପରିବେଷଣ କରିଥିଲେ। କଳିଯୁଗରେ ଲୋକ କିଭଳି ଅତ୍ୟାଚାରୀ ହେଉଛି ଏବଂ ନିଜ ନିଜର କର୍ତ୍ତବ୍ୟକୁ ଭୁଲିଯିବେ ତାହା ବହୁପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ, ହାଡିଦାସ ଓ ଯଶବନ୍ତ ଲେଖିଯାଇଛନ୍ତି। ତାହାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ସମସ୍ତଙ୍କୁ ସତର୍କ ରହିବାକୁ ମାଳିକାରେ ବର୍ଣ୍ଣିତ ରହିଛି। ହଜାର ହଜାର ଶ୍ରୋତାଙ୍କ ଗହଣରେ ଦୁଇ ପାଲା ଗାୟକ ମାଳିକାକୁ ନେଇ ପାଲା ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୃଷ୍ଣଦାସପୁରରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଆରମ୍ଭ କରିଥିଲେ ସ୍ୱର୍ଗତଃ କୈଳାସ ଚନ୍ଦ୍ର ରଥ ଏବଂ ସ୍ୱର୍ଗତଃ ସରୋଜ ବେହେରା। ପରବର୍ତ୍ତୀ ସମୟରେ ସେମାନଙ୍କ ଦାୟାଦ କଳିଙ୍ଗ କେଶରୀ ରଥ ଏବଂ ବିଧାନ ମନୋହର ଏହାର ଆୟୋଜନ ଦାୟିତ୍ୱ ବୁଝୁଛନ୍ତି। ଚଳିତବର୍ଷ କମିଟି ପକ୍ଷରୁ କରୁଣାକର ଗୋଚ୍ଛାୟତ, ସରୋଜ କମାର ପଣ୍ଡା, ବୃନ୍ଦାବନ ସାମଲ, ଅନାମ ଚରଣ ନନ୍ଦ, ଚିତ୍ତରଂଜନ ସ୍ୱାଇଁ ଏବଂ ହାଡିବନ୍ଧୁ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ



୧୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ। ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି। କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି। ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ରୋଟନ ମଧ୍ୟ ହୋଇପାରୁଛି। ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ। ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ



ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ। ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା। ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ୍ୟ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ। ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ। ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା। ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ରୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

## ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନିଆଳି (ପିଏନ୍)–ନରିଶୋ ଗ୍ରାମର ଅରାଧ୍ୟ ଦେବତା ଶ୍ରୀଶ୍ରୀଗୋପୀନାଥ ଦେବଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱଦେବତା ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଛି। ଅଧିବାସ ଧାନ୍ୟାଧିବାସ କଳସ ଯାତ୍ରା ଘଟ ସ୍ଥାପନ, ଅଗ୍ନି ସ୍ଥାପନ ଦେବତା ଆବାହନ ନ୍ୟାସ ସୂର୍ଯ୍ୟପୂଜା ଧେନୁପୂଜା ଦେବତାଙ୍କ ଗ୍ରାମ ପରିକ୍ରମା, ବାସ୍ତୁହୋମ ପତାକା ସ୍ଥାପନ ଦେବତାଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟ ଯଥାରିତିରେ କରାଯାଇଛି। ଗ୍ରାମବାସୀ ଙ୍କ ପୂର୍ଣ୍ଣ ସହଯୋଗରେ ସମସ୍ତକାର୍ଯ୍ୟ ଯଥାରିତିରେ କରାଯାଇଛି। ଶେଷ ଦିବସ ସଂନ୍ଧ୍ୟାରେ ଅନୁସୟା ନାଥ, ରବିନ୍ଦ୍ର କୁମାର ମହାପାତ୍ର ଓ ଦୁଃଖିଶ୍ୟାମ ତ୍ରିପାଠୀ ଆଦି ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଛି। ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ଚାରିଦିନଧରି ଗ୍ରାମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜୟଦେବ ନିର୍ବାଚନ ମଣ୍ଡଳୀର ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ



ଭୁବନେଶ୍ୱର, (ପି.ଏନ) : ଜୟଦେବ ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀର ବାଲିଅଁ। ଓ ବାଲିପାଟଣା ବ୍ଲକର ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ, ଜିଲ୍ଲା କଂଗ୍ରେସର ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ ଏବଂ ପ୍ରମୁଖ ନେତୃମଣ୍ଡଳୀଙ୍କୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଜୟଦେବ ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିକାଶ ମିଶନ କାର୍ଯ୍ୟକ୍ରମକୁ ବୁଥସ୍ତର ପର୍ଯ୍ୟ' ସଫଳ କରିବାପାଇଁ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଟିମ, ବ୍ଲକ କଂଗ୍ରେସ ସଭାପତିଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଟିମ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଜିଲ୍ଲା କଂଗ୍ରେସର ଯୁବ, ଛାତ୍ର, ମହିଳା, ସେବାଦଳ, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ, ପଂଚାୟତ ରାଜ, କିଷାନ କଂଗ୍ରେସ ଓ ଅନ୍ୟାନ୍ୟ ପ୍ରକୋଷ୍ଠର ଅଧ୍ୟକ୍ଷ ଓ ବିଭିନ୍ନ ନେତୃମଣ୍ଡଳୀମାନଙ୍କୁ ନେଇ ଏହି କମିଟି ଗଠନ କରାଯିବ ବୋଲି ନିଷ୍ପତି ନିଆଗଲା ଏବଂ ନେତୃତ୍ୱ ବିକାଶ ମିଶନର ନିର୍ବାଚନ ମଣ୍ଡଳୀ ସଂଯୋଜକଙ୍କ ଏହି କମିଟି ମାନଙ୍କରେ ଅଖିଳ ଭାରତ କଂଗ୍ରେସ ନିଷ୍ପତି ଅନୁସାରେ ଆବାହକ ରହିବେ।

ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ନିହାର ରନ ନାୟକ, ପିସିସି ଅନୁସୂଚିତ ଜାତି ବିଭାଗ ଆବାହକ ତାପସ ସେଠୀ, ସଂ'ଷ ଭୋଳ, ମହମ୍ମଦ ସାହାଦୁଲ୍ଲା, ସୁକା' ତିଆଡ଼ି, ରମାକା' ସାହାଣି, ସହିଦ ମହମ୍ମଦ, ଲୋକନାଥ ମହାରଣା, ଜ୍ୟୋତିରନ ନାୟକ, ସୟଦ ହୁସେନ ଓ ଆଦର୍ଶ ଖାନ ପ୍ରମୁଖ ଯୋଗଦେଇଥିଲେ।

# ମାଡିଙ୍ଗ ପଦର ଅଲେଖ ମହିମା ଆଶ୍ରମର ରୂପାନ୍ତରଣ ପାଇଁ ଆର୍ଥିକ ସହାୟତାଦାବୀ



ଭବାନୀପାଟଣା,(ପି.ଏନ):ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମାଡିଙ୍ଗପଦର ଅଲେଖ ମହିମା ଆଶ୍ରମର ରୂପାନ୍ତରିକରଣ କାର୍ଯ୍ୟକ୍ରମରେ ସାମିଲ କରିବାପାଇଁ ଆଜି ସାଇନିଙ୍ଗ କଳାହାଣ୍ଡି ଅଧ୍ୟକ୍ଷ ଡ଼. ଭବାନୀ ଶଙ୍କର ନିଆଲଙ୍କ ନେତୃତ୍ୱରେ ସାଧୁସନ୍ଥ ମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଜରିଆରେ ୫ଟି ସଚିବଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ । ଏହି ସ୍ମାରକ ପତ୍ରରେ ନିମ୍ନଲିଖିତ ଦାବୀମାନ ଯଥା,ଧୂନିମଣ୍ଡପ ନିର୍ମାଣ,ଆଶ୍ରମ ପାଇଁ ଗୋଷ୍ଠୀକେନ୍ଦ୍ର ନିର୍ମାଣ,ଆଶ୍ରାମକୁ କଂକ୍ରିଟ ରାସ୍ତା ନିର୍ମାଣ,ଆଶ୍ରମ ପାଇଁ ଆଲୋକିକରଣ ବ୍ୟବସ୍ଥା,ଆଶ୍ରମ ପାଚେରୀ ନିର୍ମାଣ ଆଦି ଦାବୀ ହେଇଥିଲା । ସୂଚ଼ନା ଯୋଗ୍ୟ ଯେ, ଏହି ଆଶ୍ରମରେ ପଶ୍ଚିମ ଓଡିଶା, ଜୋରନ୍ଦାଗାଦୀ, କୋରାପୁଟ ର ଭକ୍ତ ଓ ସାଧୁମାନେ ବର୍ଷତମାମ ଆସିବା ଯିବା କରିଥାନ୍ତି ଓ ଏହାର ପୁନଃ ଉଦ୍ଧାର ଆବଶ୍ୟକତା ରହିଛି । ଏଣୁ ଜିଲ୍ଲାପାଳଙ୍କର ଜରିଆରେ ୫ଟି ସଚ଼ିବଙ୍କୁ ଅନ୍ୟୁନ୍ୟ ୨୫ଲକ୍ଷ ଟଙ୍କାର ଆର୍ଥିକ ବ୍ୟୟ ବରାଦ କରିବାପାଇଁ ଦାବୀ କରାଯାଇଥିଲା । ଉକ୍ତ ପ୍ରତିନିଧି ମଣ୍ଡଳରେ ବ୍ରହ୍ମ ଅବଧୂତ ସଦାନନ୍ଦ ବାବା, ଭଗବାନ ବାବା, କପିଳେନ୍ଦ୍ର ବାବା, ଆନନ୍ଦ ବାବା, ଅମୃତ ବାବା, ବ୍ରହ୍ମଚ଼ାରୀ ବାବା, କାର୍ତ୍ତିକ ଦାସ,ଶଙ୍କର ଭକ୍ତ, ଗିରିଧାରୀ ତ୍ୟାଗୀ, ମହେଶ୍ୱର ଦାସ, ଗୋବିନ୍ଦ ଦାସ, ନନ୍ଦରାଜ ଦାସ, ବାଲି ଭକ୍ତ, ଉମାକାନ୍ତ ଭକ୍ତ, ମୁକୁନ୍ଦ ରଣା, ପରମାନନ୍ଦ ରଣା,ପରମେଶ୍ୱର ଭକ୍ତ, ଜଗଦୀଶ ମାଝୀ,ରଘୁ ଭକ୍ତ, ଘନ ଭକ୍ତ,ରୁଷି ଭକ୍ତ ଆଦି ଯୋଗଦେଇଥିଲେ ।

# କଂଗ୍ରେସର ନୀତି ଆଦର୍ଶକୁ ଭଲ ପାଇ କଂଗ୍ରେସରେ ଯୋଗ ଦେଲେ ପ୍ରଶାସନିକ ଅଧିକାରୀ ଏବଂ ବହୁ କର୍ମୀ



ଭୁବନେଶ୍ୱର, (ପି.ଏନ) : କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ପ୍ରତି ଦୃଢ଼ ଆସ୍ଥା ପ୍ରକଟ କରି ଜୟଦେବ ନିର୍ବାଚନ ମଣ୍ଡଳୀର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀ ଆର୍ତତ୍ରାଣ କାଣ୍ଡି ଙ୍କ ସମେତ ବିଭିନ୍ନ ଦଳରୁ ଆସିଥିବା ବହୁ କର୍ମୀ ଆଜି କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ଏହି ଉପଲକ୍ଷେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ସସସ୍ତଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ କଂଗ୍ରେସ ଦଳରେ ଗ୍ରହଣ କରିନେଇଥିଲେ ଏବଂ ସେମାନଙ୍କର ଯୋଗଦାନ ଜୟଦେବ ନିର୍ବାଚନ ମଣ୍ଡଳୀରେ କଂଗ୍ରେସକୁ ସୁଦୃଢ଼ କରିବ ବୋଲି ପ୍ରକାଶ କରିଥିଲେ। ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ସୁରେଶ କୁମାର ରାଉତରାୟ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଗାମୀ ଦିନରେ ଦଳପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିବାପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଶ୍ରୀ ଆର୍ତତ୍ରାଣ କାଣ୍ଡି ତାଙ୍କ ପ୍ରତିକ୍ରିୟାରେ କହିଲେ ଯେ ଦଳ ତାଙ୍କୁ ଯେଉଁ ଦାୟୀତ୍ୱ ଦେବ ସେ ତାକୁ ନିଷ୍ଠାର ସହ ପାଳନ କରିବେ। ଶ୍ରୀ କାଣ୍ଡି ଙ୍କ ସହ ଯେଉଁମାନେ ଆଜି କଂଗ୍ରେସ ଦଳରେ ଯୋଗଦେଲେ ସେମାନେ ହେଲେ ସର୍ବଶ୍ରୀ ବିଳାସ ଭୋଇ, ଦୀପକ କୁମାର ଭୋଇ, ସେକ ଆବିଦ, ଶ୍ରୀମରନ ବିବି, ଧିରେନ୍ଦ୍ର ବେହେରା, ରମେଶ ବେହେରା ପ୍ରମୁଖ ନେତୃମଣ୍ଡଳୀଙ୍କ ସମେତ ପ୍ରା ୧୦୦ ରୁ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସ ଦଳରେ ଯୋଗଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ' ପ୍ରସାଦ ସେଠୀ, ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା, ସିର୍ଦ୍ଧାର୍ଥ ରାଉତରାୟ, ତାପସ ସେଠୀ, ସୁକାଂ ତିଆଡ଼ି, ମନୋରନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଙ୍ଗା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଲ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।


2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference

- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Saturday September 16, 2023 ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୧୬,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଏସୀୟ କ୍ରୀଡ଼ା ୨୦୨୩ରେ କିଟ୍ ଓ କିସ୍‌ର ୧୪ ଖେଳାଳି

ଭୁବନେଶ୍ୱର,(ପି.ଏନ): ଏସୀୟ କ୍ରୀଡ଼ା-୨୦୨୩ରେ ଉଭୟ କିଟ୍ ଓ କିସ୍‌ର ୧୪ଜଣ କ୍ରୀଡ଼ାବିତ୍ ଭାରତର ପ୍ରତିନିଧିତ୍ୱ କରିବେ। ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ହାଙ୍ଗଝୁଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଏସୀୟ କ୍ରୀଡ଼ା ୨୦୨୩ରେ ବିଭିନ୍ନ ବିଭାଗରେ ଏମାନେ ଭାରତର ପ୍ରତିନିଧିତ୍ୱ କରିବେ। ଦେଶର ଗୋଟିଏ ଶିକ୍ଷାନୁଷ୍ଠାନରୁ ଏତେ ସଂଖ୍ୟକ କ୍ରୀଡ଼ାବିତ୍ ଏସୀୟ କ୍ରୀଡ଼ାରେ ଅଂଶ ଗ୍ରହଣ କରିବାରେ କିଟ୍ ଓ କିସ୍ ହେଉଛି ଭାରତର ପ୍ରଥମ ଶିକ୍ଷାନୁଷ୍ଠାନ। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଏ ସମ୍ପର୍କରେ ସୂଚନା ପ୍ରଦାନ କରି କହିଥିଲେ କିଟ୍‌ର ସିଏ ଛାତ୍ରୀ ଭବାନୀ ଦେବୀ ଅସି ଚାଳନା (ମହିଳା)ବର୍ଗରେ ଉଭୟ ବ୍ୟକ୍ତିଗତ ଓ ଦଳଗତ ଇଭେଣ୍ଟରେ ଭାଗ ନେବାକୁ ଯାଉଥିବାବେଳେ ଭାରତୀୟ ହକି ଦଳରେ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ସେହିପରି ସନ୍ତରଣରେ କିଟ୍ ଓ କିସ୍‌ର ଛାତ୍ର ସଜନ ପ୍ରକାଶ, ନୌଚାଳନା (ମହିଳା) ବର୍ଗରେ ଅଶିଂକା ଭାରତୀ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଆଥଲେଟିକ୍‌ର ୨୦ କିମି ରେସ୍ ୱାକ୍ (ମହିଳା) ଇଭେଣ୍ଟରେ ପ୍ରିୟଙ୍କା ଓ ୨୦କିମି ରେସ୍ ୱାକ୍ (ପୁରୁଷ) ବର୍ଗରେ ସନ୍ଦୀପ କୁମାର, ଜାଭେଲିନ୍ ଥ୍ରୋରେ କିଶୋର କୁମାର ଜେନା ଓ ସଟ୍‌ପୁଟ୍‌ରେ ତେଜିନ୍ଦର ପାଲ୍ ସିଂହ ତୁର ଭାରତର ପ୍ରତିନିଧିତ୍ୱ କରିବାର ଗୌରବ ଅର୍ଜନ କରିଛନ୍ତି। ଗୌରବର କଥା ଭାରତୀୟ ମହିଳା ରଗ୍‌ବୀ ଦଳରେ କିସ୍‌ର ୪ ଛାତ୍ରୀ ଡୁମୁଣୀ ମାରାଣ୍ଡି, ତରୁଲତା ନାଏକ, ମାମା ନାଏକ ଏବଂ ହୁପି ମାଝୀ ସ୍ଥାନ ପାଇଛନ୍ତି। ଡେକାଥଲନ୍‌ରେ ତେଜସ୍ୱୀ ଶଙ୍କର ଏବଂ ୨୦୦ମିଟର ଦୌଡ଼ରେ ଅମ୍ଲାନ ବୋରଗାହାଁ ମନୋନୀତ ହୋଇଛନ୍ତି। କ୍ରୀଡ଼ାର ବିକାଶ ପାଇଁ କିଟ୍ ଓ କିସ୍ ପକ୍ଷରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ବର୍ଷ ବର୍ଷ ଧରି ଆବଶ୍ୟକ ସୁବିଧା ସହ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଇ ଆସୁଛନ୍ତି ବୋଲି ଡ. ଦାଶ ସୂଚନା ଦେଇଥିଲେ। ଏସୀୟ କ୍ରୀଡ଼ା ପାଇଁ ମନୋନୀତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ଏହି କ୍ରୀଡ଼ାବିତ୍‌ମାନେ କେବଳ କିଟ୍ ଓ କିସ୍ ପାଇଁ ଗୌରବ ନୁହନ୍ତି ବରଂ ସମଗ୍ର ଓଡ଼ିଶାର ଗର୍ବ ଓ ଗୌରବ। ସେ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ଶ୍ରୀ ସାମନ୍ତ କହିଥିଲେ, ଏସୀୟ କ୍ରୀଡ଼ାରେ ଅଂଶ ଗ୍ରହଣ କରିବାକୁ ଯାଉଥିବା ଓଡ଼ିଶାର ଖେଳାଳିଙ୍କ ପାଇଁ ରାଜ୍ୟ ସରକାର ନିକଟରେ ଅର୍ଥରାଶି ପୁରସ୍କାର ଘୋଷଣା କରିଛନ୍ତି। ଏଥିରେ କିଟ୍ ଓ କିସ୍‌ର ୭ଜଣ କ୍ରୀଡ଼ାବିତ୍ ରହିଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଭଲ ପାଇବା ଓ ପ୍ରତିବଦ୍ଧତା ଯୋଗୁଁ ଆଜି ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ତାର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଓଡ଼ିଶାକୁ ଏକ କ୍ରୀଡ଼ା ହବ୍‌ଭାବେ ପରିଣତ କରିବା ପାଇଁ କିଟ୍ ଓ କିସ୍‌ର ମଧ୍ୟ ଯୋଗଦାନ ରହିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଗୁଣାତ୍ମକ ଶିକ୍ଷା ସହ କ୍ରୀଡ଼ାକୁ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଆସୁଛି। କିଟ୍ ଓ କିସ୍‌ରେ ଥିବା ଅନ୍ତର୍ଜାତୀୟ ମାନର ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଏବଂ ଅଭିଜ୍ଞ ଓ ଦକ୍ଷ କୋଚ୍ ବିଶେଷକରି କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ଯୋଗୁଁ କିଟ୍ ଓ କିସ୍‌ରୁ ୫ହଜାରରୁ ଉର୍ଦ୍ଧ୍ୱ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ଖେଳାଳି ସୃଷ୍ଟି ହୋଇପାରିଛନ୍ତି। ସବୁଠାରୁ ଗର୍ବ ଓ ଗୌରବର ବିଷୟ ହେଉଛି କିଟ୍ ଓ କିସ୍‌ରୁ ୧୩ଜଣ ଅଲିମ୍ପିଆନ୍ ବାହାରି ପାରିଛନ୍ତି। ସେମାନେ ହେଲେ ଆଥଲେଟିକ୍‌ରେ ଦୂତୀ ଚାନ୍ଦ, ପ୍ରିୟଙ୍କା, ଶ୍ରାବଣୀ ନନ୍ଦ, ଶିବପାଲ୍ ସିଂହ, ତେଜିନ୍ଦର ପାଲ୍ ସିଂହ ତୁର ଓ ସନ୍ଦୀପ୍ କୁମାର, ହକିରେ ଅମିତ୍ ରୋହିଦାସ୍, ଲିଲିମା ମିଞ୍ଜ ଓ ସୁନୀତା ଲାକ୍ରା, ଅସି ଚାଳନାରେ ସିଏ ଭବାନୀ ଦେବୀ, ସନ୍ତରଣରେ ସଜନ ପ୍ରକାଶ, ପାରାଅଲିମ୍ପିଆନ୍ ପ୍ରବୀଣ କୁମାର ଏବଂ କାସିସ୍ ଲାକ୍ରା ଅଛନ୍ତି।




## କାରାରକ୍ଷୀମାନେ କଳାବ୍ୟାଚ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି

ନିମାପଡ଼ା,(ପି. ଏନ) : ନିଖିଳ ଓଡ଼ିଶା କାରାଗାର କର୍ମଚାରୀ ମହାସଂଘ ର ନିଷ୍ପତ୍ତି କ୍ରମେ ନିମାପଡ଼ା ଉପ କାରାଗାର ର ସମସ୍ତ କାରାରକ୍ଷୀ ପୁରୁଷ ଓ ମହିଳା କର୍ମଚାରୀ ମାନେ କଳା ବ୍ୟାଚ୍ ପରିଧାନ କରି କାର୍ଯ୍ୟ କରୁଛନ୍ତି ।୫ ଦଫା ଦାବି ପୂରଣ ପାଇଁ କାରାରକ୍ଷୀ ମାନେ ଦାବି କରି ଆସୁଥିବା ବେଳେ ସରକାର ଏଥିପ୍ରତି ଦୃଷ୍ଟି ନ ଦେବା ଦୁଃଖ ଓ ପରିତାପର ବିଷୟ ବୋଲି ସେମାନେ କହିଛନ୍ତି। କାରାରକ୍ଷୀ ମାନଙ୍କର ଗ୍ରେଡ ପେ ୧୯୦୦ ରୁ ୨୦୦୦ ଓ ମୁଖ୍ୟ କାରାରକ୍ଷୀ ଙ୍କ ଗ୍ରେଡ ପେ ୨୦୦୦ ରୁ ୨୪୦୦ ,ପୁରୁଣା ପଦୋନ୍ନତି ନିୟମ ୨୦୧୨ ରୁ ଲାଗୁ କରିବା ,ଉପଖଣ୍ଡ ସ୍ତରରୁ ବଦଳି ନିୟମ କୋହଳ କରିବା ,ଖାଦ୍ୟ ଭତ୍ତା ୪୦୦ ରୁ ୧୪୦୦ କୁ ବୃଦ୍ଧି ,ତେରମାସିଆ ଦରମା ବୃଦ୍ଧି ପ୍ରଭୃତି ଦାବି ପୂରଣ ହୋଇନଥିବାରୁ କାରାରକ୍ଷୀମାନେ କଳାବ୍ୟାଚ୍ ପରିଧାନ କରି ଶୃଙ୍ଖଳାର ସହିତ ନିଜର କର୍ତ୍ତବ୍ୟ ପାଳନ କରି ଆସୁଛନ୍ତି ।ସମସ୍ତ କାରା କର୍ମଚାରୀ କଳାବ୍ୟାଚ୍ ପରିଧାନ କରିଥିବା ବେଳେ ସରକାର ଦାବି ନ ଶୁଣିଲେ କାରାଗାର କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ ହେବ ବୋଲି କର୍ମଚାରୀ ମାନେ ଚେତାବନୀ ଦେଇଛନ୍ତି ।ଗଙ୍ଗାସାଗର ପରିଡ଼ା, ବିପିନ କୁମାର ମୁଦୁଲି, କୃଷ୍ଣଚନ୍ଦ୍ର ଜେନା ,ଜିତେନ୍ଦ୍ର କୁମାର ରାଉତ ,ସୁକାନ୍ତ କୁମାର ସାହୁ ,ସୁକାନ୍ତ କିଶୋର ମଣ୍ଡଳ ,ପ୍ରିୟଦର୍ଶିନି ସାହୁ ,ସନ୍ତୋଷ କୁମାର ପ୍ରଧାନ,କିଶୋର ଚନ୍ଦ୍ର ସାହୁ ,ଯାମିନି ପାଇକରାୟ ପ୍ରମୁଖ କଳାବ୍ୟାଚ୍ ପରିଧାନ କରି କାର୍ଯ୍ୟ କରୁଥିବାର ଜଣାପଡିଛି ।

## ମାଇଁ ସିଟି ଲିଙ୍କ୍‌ସର ଫ୍ରିଡମ୍ ଫେଷ୍ଟ୍ ସିଜନ ୬

ଭୁବନେଶ୍ୱର,(ପି.ଏନ): ମାଇଁ ସିଟି ଲିଙ୍କ୍‌ସ ପକ୍ଷରୁ ସହରର ଯୁବପିଢ଼ିଙ୍କ ମଧ୍ୟରେ ସ୍ୱାଧୀନତା ଓ ସ୍ୱତନ୍ତ୍ରତାର ଉତ୍ସାହକୁ ପାଳନ କରିବା ପାଇଁ ଲକ୍ଷ୍ୟନେଇ ବାର୍ଷିକ କାର୍ଯ୍ୟକ୍ରମ ଫ୍ରିଡମ୍ ଫେଷ୍ଟ୍‌ର ୬ଷ୍ଠ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଗତ ସେପ୍ଟେମ୍ବର ୯ ତାରିଖ ଦିନ ଭୁବନେଶ୍ୱରର ୟୁନିଟ୍-୧ ସ୍ଥିତ କସ୍ତୁରବା ନାରୀ ମହଲରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏମ୍‌ଡି ସଫିଉଲ୍ ହକ୍ (ବାବୁ ଭାଇ)- ନୃତ୍ୟଶିଳ୍ପୀ, ସୋନମ୍ ଦାସ-ଗାୟିକା, ଶୁଭଙ୍କର ମିଶ୍ର-ଗାୟକ ଓ ସତ୍ୟବ୍ରତ ସାନୁ ରଥ- ପ୍ରିଲ୍ୟୁଡ୍ ନଭେଲ୍ ଭେଂଚର୍ସର ପ୍ରତିଷ୍ଠାତାଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏହାର ଆରମ୍ଭ ପରଠାରୁ ଫ୍ରିଡମ୍ ଫେଷ୍ଟ୍ ଯୁବ-କୈନ୍ଦ୍ରିକ ରହିଆସିଛି ଯାହା ସହରର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନିଜର ଅତୁଳନୀୟ ପ୍ରତିଭାର ପ୍ରଦର୍ଶନ କରିବା ପାଇଁ ସ୍ୱାଗତ କରିଛି। ଫ୍ରିଡମ୍ ଫେଷ୍ଟ ସିଜନ ୬ର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଅଣଉନ୍ମୋଚିତ କ୍ଷମତାକୁ ସ୍ୱୀକୃତି ପ୍ରଦାନ କରିବା ଓ ସେଲିବ୍ରେଟ୍ କରିବା। ଆମେ ଦୃଢତାର ସହ ବିଶ୍ୱାସ କରୁ ଯେ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ନିକଟରେ ଥିବା ସ୍ୱତନ୍ତ୍ର ପ୍ରତିଭା ଲୋକଲୋଚନକୁ ଆସିବା ଉଚିତ। ତେଣୁ ଆମେ କ୍ୟାଟାଗୋରୀ ୧ରେ ୬ଷ୍ଠ ଶ୍ରେଣୀରୁ ୧୦ମ ଶ୍ରେଣୀ ପର୍ଯ୍ୟ' ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରବେଶ ଖୋଲା ରଖିଥିଲୁ। ଚଳିତ ବର୍ଷର କାର୍ଯ୍ୟକ୍ରମରେ ଏକାଧିକ ପ୍ରତିଯୋଗିତା ରହିଥିଲା। ମୁଖ୍ୟ ପ୍ରତିଯୋଗିତାରେ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ ସାମିଲ ରହିଥିଲା। ବିଦ୍ୟାଳୟ ଅଂଶଗ୍ରହଣକୁ ବହୁମାତ୍ରାରେ ପ୍ରୋତ୍ସାହିତ କରାଯାଇଛି ଏବଂ ଛାତ୍ରଛାତ୍ରୀମାନଙ୍କ ନିକଟରେ ପ୍ରତିଷ୍ଠିତ ବିଚାରପତିଙ୍କର ଏକ ପ୍ୟାନେଲ ନିକଟରେ ଲାଇଭ୍ ପ୍ରଦର୍ଶନ କରିବାର ସୁଯୋଗ ରହିଥିଲା। ସେହିପରି ସ୍ୱାଧୀନ ଭାବେ ଅଂଶଗ୍ରହଣ କରିଥିବା ଅଟିଷ୍ଟିକ୍ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସ୍ୱୀକୃତିର ଘୋଷଣା କରାଯାଇଥିଲା। ଏହି ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଦକ୍ଷତା ଓ ମାର୍କ ଆଧାରରେ ବିଚାରପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଛି।

## ଏଚଏସବିସି ମ୍ୟୁଚୁଆଲ୍ ଫଣ୍ଡର ନୂଆ ଡିଜିଟାଲ୍ ଅଭିଯାନ

ଭୁବନେଶ୍ୱର,(ପି.ଏନ): ଏଚଏସବିସି ମ୍ୟୁଚୁଆଲ୍ ଫଣ୍ଡ ନିବେଶକମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଏସଆଇପି ହେ ହାସ୍‌ଟ୍ୟାଗ୍ ଫାଇଦେ ୱାଲି ଆଦତ୍ ନାମକ ଏକ ଡିଜିଟାଲ୍ ଅଭିଯାନ ଆରମ୍ଭ କରିଛି । ଯେଉଁଥିରେ ଦୀର୍ଘସ୍ଥାୟୀ ଆର୍ଥିକ ଲକ୍ଷ୍ୟ ହାସଲ କରିବା ଦିଗରେ ଏହା ଏସଆଇପିର ପରିବର୍ତ୍ତନଶୀଳ ଶକ୍ତିକୁ ଆଲୋକପାତ କରିଛି। ଏହି ଅଭିଯାନ ଭାରତରେ ୨୭ ଓ ୩୫ ବର୍ଷ ବୟସ ମଧ୍ୟରେ ମିଲେନିଆଲ୍ ନିବେଶକମାନଙ୍କୁ ପ୍ରଶିକ୍ଷିତ ଓ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଉଦ୍ୟୋଗ ରିପୋର୍ଟରୁ ଏହା ଜଣାପଡ଼ିଛି ଯେ ଆର୍ଥିକ ବର୍ଷ ୧୯-୨୩ ଅବଧିରେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ ଆରମ୍ଭ କରିଥିବା ୫୪ ପ୍ରତିଶତ ନୂଆ ନିବେଶକ (ପ୍ରାୟତଃ ୮୫ ଲକ୍ଷ) ମିଲେନିଆଲ ଅଟିଁ (ମେ ୨୦୨୩ ସିଏଏମଏସ ରିପୋର୍ଟ ଅନୁଯାୟୀ)। ଏହାର ଶୁଭାରମ୍ଭ ସମ୍ପର୍କରେ ସୂଚନା ପ୍ରଦାନ କରି, କୈଳାଶ କୁଲକର୍ଣ୍ଣି, ସିଇଓ, ଏଚଏସବିସି ଆସେଟ୍ ମ୍ୟାନେଜମେଂଟ କମ୍ପାନୀ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ କହିଛିଁ ଯେ, 'ଏସଆଇପି ହେ ହାସଟ୍ୟାଗ ଫାଇଦେ ୱାଲି ଆଦତ୍ ଏସଆଇପିକୁ ଏକ ଅଭ୍ୟାସ ଭାବରେ ପାଳନ କରିଛି, ଯାହାକି ସକାରାତ୍ମକ ରୁଟିନର ଲାଭକୁ ଦର୍ଶାଉଛି । ଏହା ସହାୟତାରେ ମିଲେନିଆଲ୍ ନିବେଶକମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହିତ ସେମାନେ ଏସଆଇପିର ଲାଭ ବିଷୟରେ ଜାଣିପାରିଥିଁ ।'ଏହି ଅଭିଯାନ ବିଷୟରେ ସୂଚନା ପ୍ରଦାନ କରି, ସନ୍ଦୀପ ଶ୍ରୀକୁମାର, ଭାଇସ୍ ପ୍ରେସିଡେଂଟ, ବର୍ଣହାଇ ଡିଜିଟାଲ୍ କହିଛିଁ, 'ଆମେ ଏହି ଗେମ୍ ଚେଂ ପଦକ୍ଷେପରେ ଏଚଏସବିସି ମ୍ୟୁଚୁଆଲ୍ ଫଣ୍ଡ ସହିତ ସହଭାଗୀତା ସ୍ଥାପନ କରିଛୁ। ଆମେ ବିଶ୍ୱାସ କରୁ ଯେ ଏହା କେବଳ ବ୍ରାଣ୍ଡର ପୋଜିସନିଂରେ ଉନ୍ନତି ଆଣିବ ନାହିଁ ବରଂ ଏହା ଆର୍ଥିକ ଦାୟୀତ୍ୱ ଓ ନିବେଶର ଗୁରୁତ୍ୱକୁ ଏକ ନୂତନ ଆକାର ପ୍ରଦାନ କରିବ।'

## ହିଞ୍ଜିଳିକାଟୁ ବିଜେଡିର ମିଶ୍ରଣ ପର୍ବ ଅଫୋଟୋଧ

ହିଞ୍ଜିଳିକାଟ,(ପି.ଏନ): ନିର୍ବାଚନ ପାଖେଇ ଆସିବା ସହ ଆଗୁଆ ନିର୍ବାଚନ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏହାକୁ ନେଇ ରାଜନୈତିକ ପାଣିପାଗ ମଧ୍ୟ ବେଶ ଉଷ୍ମ ହେଉଥିବା ଦେଖିବାକୁ ମିଳୁଛି। ଗୁରୁବାର ହିଞ୍ଜିଳିକାଟୁ ପୌରାଞ୍ଚଳ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ବହୁମୁଖୀ ଗୋଷ୍ଠୀ କେନ୍ଦ୍ର ପରିସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନଗର ବିଜେଡି ସଭାପତି ଭୀମସେନ ବେହେରାଙ୍କ ତତ୍ତ୍ୱାବଧାନରେ ସହରର ୪ ଜଣ ସ୍ୱାଧୀନ କାଉନସିଲର ଆନୁଷ୍ଠାନିକ ଭାବରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ୦୪ ନଂ ୱାର୍ଡର କାଉନସିଲର ରଞ୍ଜିତା ଚୌଧୁରୀ, ୧୧ ନଂ ୱାର୍ଡର କାଉନସିଲର ଅମୂଲ୍ୟ ସାହୁ, ୧୪ ନଂ ୱାର୍ଡର କାଉନସିଲର ମଞ୍ଜୁ ବେହେରା ଏବଂ ୧୫ ନଂ ୱାର୍ଡର କାଉନସିଲର ଗୋପବନ୍ଧୁ ବେହେରା ନିଜର ଶତାଧିକ ସମର୍ଥକ ମାନଙ୍କ ସହ ଆନୁଷ୍ଠାନିକ ଭାବରେ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ଉପଢୌକନ ପ୍ରଦାନ କରି ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ।

## ଇସ୍ରୋ ଓ ଇନ୍-ସ୍ପେଶ୍ ସହ ଏଡବ୍ଲ୍ୟୁଏସ୍‌ର ସହଭାଗିତା

ଭୁବନେଶ୍ୱର,(ପି.ଏନ): ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କ୍ଲାଉଡ୍ କମ୍ପ୍ୟୁଟିଂ ମାଧ୍ୟମରେ ସ୍ପେଶ୍-ଟେକ୍ ଉଦ୍ଭାବନଗୁଡ଼ିକୁ ସମର୍ଥନ କରିବା ପାଇଁ ଇଣ୍ଡିଆନ୍ ସ୍ପେଶ୍ ରିସର୍ଚ୍ଚ ଅର୍ଗାନାଇଜେଶନ (ଇସ୍ରୋ) ଏବଂ ଇଣ୍ଡିଆନ୍ ନ୍ୟାଶନାଲ ସ୍ପେଶ୍ ପ୍ରମୋଶନ ଆଣ୍ଡ ଅଥୋରାଇଜେଶନ ସେଂଟର୍ (ଇନ୍-ସ୍ପେଶ୍) ସହ ଏକ ରଣନୈତିକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ସହଭାଗିତା ସ୍ପେଶ୍ ଷ୍ଟାର୍ଟଅପ୍, ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଓ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ଟେକ୍ନୋଲୋଜିଗୁଡିକ ପାଇଁ ପହଂଚ ପ୍ରଦାନ କରିବ ଯାହା ସ୍ପେଶ୍ ସେକ୍ଟରରେ ନୂଆ ସମାଧାନଗୁଡିକର ବିକାଶକୁ ତ୍ୱରାନ୍ୱିତ କରିବ। ଏଡବ୍ଲ୍ୟୁଏସ୍ ଇଣ୍ଡିଆ ଓ ସାଉଥ୍ ଏସିଆର ପବ୍ଲିକ୍ ସେକ୍ଟର ବିଭାଗର ନିର୍ଦ୍ଦେଶକ ଓ ଚିଫ୍ ଟେକ୍ନୋଲୋଜିଷ୍ଟ, ଶାଳିନୀ କପୁର କହିଛନ୍ତି, 'କ୍ଲାଉଡ୍ କମ୍ପ୍ୟୁଟିଂ-ଆଧାରିତ ଉଦ୍ଭାବନଗୁଡିକ ସ୍ପେଶ୍ ଶିଳ୍ପକୁ ଶୀଘ୍ର ଉତ୍ତମ ନିଷ୍ପତି ନେବା, ସମ୍ଭାବନାଗୁଡିକର ସୀମାକୁ ଆଗକୁ ବଢାଇବା ପାଇଁ ସକ୍ଷମ କରିଥାଏ ଏବଂ ଏଡବ୍ଲ୍ୟୁଏସ୍ ଷ୍ଟାର୍ଟଅପ୍‌ଗୁଡିକୁ ବ୍ୟବହାରିକ ମାମଲାଗୁଡିକୁ ଚିହ୍ନଟ କରିବା ଓ ସମାଧାନ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ କ୍ଲାଉଡ୍ ଓ ସ୍ପେଶ୍ କ୍ଷେତ୍ରରେ ବିଶେଷଜ୍ଞତା ସହିତ ଭାରତରେ ଏକ ମଜଭୁତ ପ୍ରତିଭା ଆଧାର ନିର୍ମାଣ କରିବାରେ ସାହାଯ୍ୟ କରିବା ପାଇଁ ପ୍ରତିବଦ୍ଧ ରହିଛି।'ଏସମ୍ପର୍କରେ ଇସ୍ରୋର କାପାସିଟି ବିଲ୍ଡିଙ୍ଗ୍ ଓ ପବ୍ଲିକ୍ ଆଉଟ୍‌ରିଚ୍ ବିଭାଗର ନିର୍ଦ୍ଦେଶକ, ସୁଧୀର କୁମାର ଏନ୍. କହିଛିଁ, 'ସ୍ପେଶ୍ କ୍ଷେତ୍ରରେ ଉଦ୍ଭାବନକୁ ଅଗ୍ରଗାମୀ କରିବା ଆମ ଦେଶ ପାଇଁ ଏକ ଶୀର୍ଷ ପ୍ରାଥମିକତା ଅଟେ କାରଣ ଭୌଗୋଳିକ ସମାଧାନଗୁଡିକରେ ନାଗରିକଙ୍କ ପାଇଁ ଉତ୍ତମ ଶାସନ ପାଇଁ ଉଚ୍ଚମାନର ସେବା ପ୍ରଦାନ କରିବା ଏବଂ ହିତାଧିକାରୀଙ୍କ ପାଇଁ ଅଧିକ ମୂଲ୍ୟ ଯୋଗ କରିବାର ଶକ୍ତି ରହିଛି। କ୍ଲାଉଡ୍ କମ୍ପ୍ୟୁଟିଂ ଏକ ଅତ୍ୟଧିକ ମୂଲ୍ୟ-ସାପେକ୍ଷ ଶୈଳୀରେ ସାର୍ଥକ ଫଳାଫଳ ହାସଲ କରିବା ପାଇଁ ଏଆଇ, ଏମ୍‌ଏଲ୍ ଓ ଆନାଲିଟିକ୍ସ କାର୍ଯ୍ୟଭାରକୁ ପରିଚାଳନା କରିବା ବ୍ୟତୀତ ବହୁ ପରିମାଣର ସ୍ପେଶ୍ ଡାଟାର ଦ୍ରୁତ ପରିଚାଳନାକୁ ସକ୍ଷମ କରିଥାଏ।' ଇନ୍-ସ୍ପେଶ୍‌ର ପ୍ରମୋଶନ ଡାଇରେକ୍ଟୋରେଟ୍ ବିଭାଗର ନିର୍ଦ୍ଦେଶକ, ଡଃ ବିନୋଦ କୁମାର କହିଛିଁ, 'ଚନ୍ଦ୍ରାୟନ-୩ର ଅବତରଣ ଓ ଆଦିତ୍ୟ ଏଲ୍-୧ ମିଶନ ପରେ ଏବେ ଆମ ପାଇଁ ଭାରତର ସ୍ପେଶ୍ ସେକ୍ଟରକୁ ନୂଆ ଉଚ୍ଚତାକୁ ନେବା ପାଇଁ ସ୍ପେଶ୍ ଟେକ୍ନୋଲୋଜି ଓ କ୍ଲାଉଡ୍ କମ୍ପ୍ୟୁଟିଂର ଅସୀମିତ କ୍ଷମତାକୁ ବ୍ୟବହାର କରିବାର ସମୟ ଆସିଛି। ଇନ୍-ସ୍ପେଶ୍ ନିର'ର ଭାବେ ଘରୋଇ ସ୍ପେଶ୍ ସେକ୍ଟରକୁ ସୁଗମ ଓ ସଶକ୍ତ କରିବା ପାଇଁ ପ୍ରୟାସ କରିଆସୁଛି। ଏଡବ୍ଲ୍ୟୁଏସ୍ ସହ ଏହି ସହଭାଗିତା ଉକ୍ତ ପ୍ରୟାସର ଏକ ପ୍ରମାଣ ଅଟେ ଏବଂ ଏହା ମାଧ୍ୟମରେ ଆମେ ଷ୍ଟାର୍ଟଅପ୍, ଛାତ୍ରଛାତ୍ରୀ ଓ ଗବେଷଣାକାରୀଙ୍କୁ ନୂଆ ସ୍ୱପ୍ନ ଦେଖିବା, ଉଦ୍ଭାବନକୁ ପରିଚାଳନା କରିବା ଏବଂ ଗ୍ଲୋବାଲ ସ୍ପେଶ୍ ଇଣ୍ଡଷ୍ଟ୍ରୀରେ ଯୋଗଦାନ ଦେବା ପାଇଁ ସଶକ୍ତ କରିବା ଲାଗି ଲକ୍ଷ୍ୟ ରଖିଛୁ।'

## ଆସିକା ଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିରାଟ ଧନ୍ୟବାଦ ସଭା





ଆସିକା,(ପି.ଏନ): ମୁଖ୍ୟମନ୍ତ୍ରୀ ଙ୍କ ବ୍ୟକ୍ତିଗତ ତଥା ଫାଇଭ ଟି ସଚିବ ଭି କେ ପାଣ୍ଡିଆନଙ୍କ ତିନିଦିନିଆ ଗଞ୍ଜାମ ଗସ୍ତ ରେ ଆସି ଗତ ୨୬ ତାରିଖ ଦିନ ଆସିକା କଲେଜ ପଡିଆ ରେ ହଜାର ହଜାର ଲୋକଙ୍କ ଠାରୁ ଅନେକ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିମଧ୍ୟରୁ ସେ କହିଥିଲେ ମଠ, ମନ୍ଦିର, ମସଜିଦ, ଚର୍ଚ୍ଚ,ଗୋଷ୍ଠିକେନ୍ଦ୍ର,କଲ୍ୟାଣ ମଣ୍ଡପ, ପାନୀୟ ଜଳ,ସମାଜ କୋଠ ଘର,ନିର୍ମାଣ ସକାଶେ ଆସନ୍ତା ସାତ ଦିନ ମଧ୍ୟରେ ନିଶ୍ଚୟ ଭାବେ ସୁ ସମ୍ବାଦ ପାଇବେ ବୋଲି ଜନଶୁଣାଣୀ ଅଭିଯୋଗ ସଭା ରେ କହିଥିଲେ । ସେହି କ୍ରମ ରେ ଆସିକା ବ୍ଲକ ର ୨୭ ପଞ୍ଚାୟତ ଏବଂ ଆସିକା ଏନ ଏ ସି ର ୧୮ ଗୋଟି ୱାର୍ଡ ରୁ ଗ୍ରହଣ କରିଥିବା ଅଭିଯୋଗ କୁ ଉଚିତ ମନେ କରି ୪କୋଟି ୫୦ଲକ୍ଷଟଙ୍କା ଅନୁମୋଦନ କରିଛନ୍ତି । ପ୍ରତିଶ୍ରୁତି ପୂରଣ କରିଥିବା ଯୋଗୁଁ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ନେତୃତ୍ୱରେ ଆସିକା ବିଜୁ ଜନତା ଦଳ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଫାଇଭ ଟି ସଚିବ ଭି କେ ପାଣ୍ଡିଆନ ଙ୍କୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ଏକ ବିରାଟ ଧରଣର ଧନ୍ୟବାଦ ସଭା ଓ କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହଜାର ହଜାର ସଂଖ୍ୟକ ଲୋକ ସାଙ୍ଗକୁ ଘଣ୍ଟ ଓ ମୃଦୁଙ୍ଗ ଧ୍ୱନି ରେ ପ୍ରକମ୍ପିତ ହୋଉଥିଲା ଆସିକା ସହର ବିଭିନ୍ନ ଲୋକକଳା ପ୍ରଦର୍ଶନ କରି ନଗର ପରିକ୍ରମା କରିବା ସମ୍ପୂର୍ଣ୍ଣ ନିଆରା ଥିଲା।ଉକ୍ତ ସଭାକୁ ସାଂସଦ ପ୍ରମିଳା ବିଷୋୟୀ ପ୍ରଦିପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ଗଞ୍ଜାମ ଜୋନ ଯୁବ ବିଜେଡ଼ି ସଭାପତି ନଚିକେତା ସ୍ୱାଇଁଙ୍କ ତତ୍ୱାଧନାରେ ଉକ୍ତ ସଭାରେ ଗଞ୍ଜାମ ଜିଲ୍ଲା ବିଜେଡ଼ି ଉପସଭାପତି ଦିଲିପ ପ୍ରାଣୀଗ୍ରାହୀ , ବରିଷ୍ଠ ବିଜେଡ଼ି ନେତା ଭଗବାନ ସାହୁ,ଅଧକ୍ଷା ତ୍ରିବେଣୀ ନାହାକ, ଉପାଧକ୍ଷା ରେଶ୍ମା ଦୋରା, ଜିଲ୍ଲା ପରିଷଦ ବି. ମନୋଜ କୁମାର ଦୋରା, ରାଜ୍ୟ ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ପ୍ରତିନିଧି ନନ୍ଦ କୁମାର ବିଷୋୟୀ ଏବଂ ସମସ୍ତ ସରପଞ୍ଚ , ସମିତି ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବହୁ ଦଳୀୟ ପଦାଧିକାରୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray